୬ ଖ୍ୱାଙ୍ଖଡେ ଷ୍ଟାଡିୟମ୍‌ରେ ଉଦ୍‌ଘାଟନ ହେଲା ରୋହିତ ଶର୍ମା ଷ୍ଟାଣ୍ଡ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୦୮ ● ୧୭ ମଇ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-108 ● 17th May 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ପାକିସ୍ତାନକୁ ପୁଣି କଡ଼ା ସନ୍ଦେଶ ଶୁଣାଇଲେ ପ୍ରତିରକ୍ଷା ମନ୍ତ୍ରୀ



**ନୂଆଦିଲ୍ଲୀ, ୧୬/୦୫**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ପୁଣି ଥରେ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇଛନ୍ତି। ଭୁଜ୍ ଏୟାରବେସରୁ ପାକିସ୍ତାନ ବିରୋଧରେ ରଣ ହୁଙ୍କାର ଦେଇ ସେ କହିଛନ୍ତି ଆମେ ଏବେ ପାକିସ୍ତାନକୁ ପରୀକ୍ଷା କରୁଛୁ, ତା'ଉପରେ ନଜର ରଖିଛୁ। ଯଦି ତା'ର ଆଚରଣ, ବ୍ୟବହାରରେ ଉନ୍ନତି ଆସେ ଭଲ, ନହେଲେ ପୁନଶ୍ଚ କଠୋର ଦଣ୍ଡ ଦିଆଯିବ। ଆତଙ୍କବାଦ ବିରୋଧରେ ଏ ଲଢେଇ ସରିନି, 'ଅପରେସନ ସିନ୍ଦୂର' ଜାରି ରହିଛି କହି ନୂଆ ଭାରତର ଉଦାହରଣ ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । ନୂଆ ଭାରତ ଆଉ କିଛି ସହିବନି, ଓଲଟି ପଡି ଜବାବ ଦେବ। ବ୍ରହ୍ମୋସ ମିସାଇଲକୁ ପ୍ରଶଂସା କରି ଦିନରେ ତାରା ଦେଖିବାର ଢଗ କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ। କଥାରେ ଅଛି ଦିନରେ ତାରା ଦେଖାଇଲୁ... ହେଲେ ଭାରତ ବ୍ରହ୍ମୋସ୍ ମିସାଇଲ୍ ମାଡ କରି ପାକିସ୍ତାନକୁ ରାତିର ଘନ ଅନ୍ଧାରରେ ବି ଦିନର ଚମକ ଦେଖାଇଦେଲା । ଏବେ ସାରା ବିଶ୍ୱରେ ବ୍ରହ୍ମୋସର ଚାହିଦା, ବ୍ରହ୍ମୋସର ଚର୍ଚ୍ଚା । ପାକିସ୍ତାନ ତ ବ୍ରହ୍ମୋସର ଶକ୍ତିକୁ ସ୍ୱୀକାର କରି ସାରିଛି ।

ବାୟୁବୀରଙ୍କୁ ପ୍ରଶଂସା କରିବାକୁ ଯାଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଲୋକମାନେ ଜଳଖିଆ ଖାଇବା ପାଇଁ ଯେତିକି ସମୟ ନିଅନ୍ତି, ସେତିକି ସମୟରେ ଆପଣମାନେ ଶତ୍ରୁଙ୍କ ସହ ମୁକାବିଲା କରିଥିଲେ। ଆପଣ ଶତ୍ରୁ ଦେଶକୁ ଯାଇ ମିସାଇଲ୍ ମାଡ କରିଥିଲେ । ଏହାର ପ୍ରତିଧ୍ୱନି କେବଳ ଭାରତର ସୀମା ଯାଏଁ ସୀମିତ ରହିଲା ନାହିଁ ବରଂ ସମଗ୍ର ବିଶ୍ୱ ଏହା ଶୁଣିଲା। ସେହି ପ୍ରତିଧ୍ୱନି କେବଳ କ୍ଷେପଣାସ୍ତ୍ରର ନୁହେଁ ବରଂ ଆପଣଙ୍କର ବୀରତ୍ୱ ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଯବାନମାନଙ୍କ ସାହସର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ତେବେ ବୀର ଯବାନଙ୍କ ସହ କଥା ହୋଇ 'ଭାରତ ମାତା କି ଜୟ' ନାରା ଦେବା ସହ ବାୟୁସେନାର ବୀରମାନେ ମାତ୍ର ୨୩ ମିନିଟରେ ପାକିସ୍ତାନରେ ପଶି ଆତଙ୍କବାଦୀ ଠିକଣାରେ ଯେମିତି ତାଣ୍ଡବ ରଚିଥିଲେ ତାହା ବଖାଣିଛନ୍ତି ।

'ଅପରେସନ ସିନ୍ଦୂର'ରେ ବାୟୁସେନାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେନାର ବୀରତ୍ୱକୁ ସଲାମ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । ଭୁଜ ଏୟାରବେସରୁ ଉଡାଣ ଆରମ୍ଭ କରି ଲଢୁଆ ବିମାନ ପରାକ୍ରମ ଦେଖାଇଛି। ପାକିସ୍ତାନ ମାଟିରେ ଆତଙ୍କବାଦୀଙ୍କ ଆଡ୍ଡାକୁ ଧୂଳିସାତ କରିବା ପାଇଁ ଭାରତୀୟ ବାୟୁସେନା ପାଖରେ ମାତ୍ର ୨୩ମିନିଟ ହିଁ ସମୟ ଯଥେଷ୍ଟ ଥିଲା । ସେହି ସମୟରେ ଶତ୍ରୁଙ୍କ ସଂହାର *(ପୃଷ୍ଠା ୭ରେ)*

# 'ଜୁନ୍ ୨୮ରୁ ଜୁଲାଇ ୬ ଯାଏଁ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି'



**ପୁରୀ, ୧୬/୦୫**
**ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ସମୟରେ ରତ୍ନଭଣ୍ଡାର, ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ମରାମତିକୁ ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀଙ୍କ ସମେତ ଏହି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ବୈଷୟିକ କୋର କମିଟିର ସଦସ୍ୟ ଡ. ଏନ୍.ସି. ପାଲ, ସୁପରିଟେଣ୍ଡେଣ୍ଟ ଆରକ୍ୟୁଲୋଜିଷ୍ଟ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ଉପସ୍ଥିତରେ ମରାମତି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ଜୁନ୍ ୨୮ରୁ ଜୁଲାଇ ୬ ତାରିଖ ମଧ୍ୟରେ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି ହେବ। ଏହି ସମୟରେ ବିଶେଷ କରି ବାହାର ରତ୍ନଭଣ୍ଡାର ମରାମତି କରାଯିବ। ଭିତର ରତ୍ନଭଣ୍ଡାର ମରାମତି ପ୍ରାୟତଃ ଶେଷ ହୋଇଯାଇଛି। କେବଳ ଚଟାଣ କାମ ବାକି ଅଛି।

ପୂର୍ବରୁ ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୨୯ରୁ ଜୁନ୍ ୨୭ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିଛି। ଚନ୍ଦନଯାତ୍ରା ନୀତି କାନ୍ତି ଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିଛି। ଗତ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା ଚାରିମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ପାଞ୍ଚ ମିନିଟ କାର୍ଯ୍ୟ ହୋଇଥିଲା କିନ୍ତୁ ପୂର୍ଣ୍ଣାଙ୍ଗ ମରାମତି ହୋଇପାରିଲା ନାହିଁ। ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। କେବଳ ଚଟାଣ କାର୍ଯ୍ୟ ବାକି ରହିଛି। ଭିତର ରତ୍ନଭଣ୍ଡାରରେ ୯ଟି ଷ୍ଟେନଲେସ ବିମ ଲାଗିସାରିଛି। ବାହାର ରତ୍ନଭଣ୍ଡାରର ପାଞ୍ଚଟି ଷ୍ଟେନଲେସ ବିମ୍ ଲାଗିବ। ନଷ୍ଟ ହୋଇଯାଇଥିବା ପଥର ଗୁଡ଼ିକ ମଧ୍ୟ ପରିବର୍ତ୍ତନ କରାଯିବ। ମୋଟ ୨୭୭ ପଥର ସମୁଦାୟ ପରିବର୍ତ୍ତନ କରାଯାଇ ଲଗାଯାଇଛି। ୧୪୮ଟି ପଥର ଭିତର ରତ୍ନଭଣ୍ଡାରରେ ଲାଗିଛି। ଜୁନ୍ ୨୮ରୁ ଜୁଲାଇ ୬ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ଅଧିକ ମରାମତି କାର୍ଯ୍ୟ କରାଯିବ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆହୁରି କହିଛନ୍ତି ଯେ, ନାଟମଣ୍ଡପ, ଜଗମୋହନ ମରାମତି କାମ ମଧ୍ୟ ଏହି ସମୟରେ କରାଯିବ। ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବାକୁ ଆଲୋଚନା ହୋଇଛି। ଷ୍ଟ୍ରକଚରାଲ୍ ସେଫ୍ଟିକୁ ଗୁରୁତ୍ୱ ସହ ଶୀତତାପ ବ୍ୟବସ୍ଥା କରାଯିବ। ଏଥିପାଇଁ ଏଏସ୍‌ଆଇର ଅନୁମୋଦନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମନ୍ଦିର ଟେକ୍ନିକାଲ କମିଟି, ଏଏସ୍‌ଆଇ ମିଳିତ ଭାବେ ସବୁ ତଦାରଖ କରିବେ।

## ୧୬ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୧୬/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ୧୬ଜଣ ଯୁଗ୍ମ ଶାସନ ସଚିବଙ୍କୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ *(ପୃଷ୍ଠା ୭ରେ)*

## ରାଜ୍ୟରେ ଗଠନ ହେଲା ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ



**ଭୁବନେଶ୍ୱର, ୧୬/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ତୃତୀୟଲିଙ୍ଗୀଙ୍କ ପାଇଁ ପୁନର୍ବାସ ଓ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ଶୁକ୍ରବାର ପ୍ରକାଶ ପାଇଛି। ବିଜ୍ଞପ୍ତି *(ପୃଷ୍ଠା ୭ରେ)*

## ନ୍ୟାସନାଲ 'ଲ' ୟୁନିଭର୍ସିଟିର ପ୍ରଫେସର ହେଲେ ଡି.ୱାଇ.ଚନ୍ଦ୍ରଚୂଡ଼




**ନୂଆଦିଲ୍ଲୀ ୧୬।୫**

ଭାରତର ପୂର୍ବତନ ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କୁ ଅବସର ପରେ ନୂଆ ଦାୟିତ୍ୱ ମିଳିଛି। ସେ ଦିଲ୍ଲୀସ୍ଥିତ ନ୍ୟାସନାଲ 'ଲ' ୟୁନିଭର୍ସିଟି (ଏନଏଲୟୁ)ରେ ପ୍ରଫେସର ଭାବେ ଯୋଗ ଦେଇଛନ୍ତି। ୟୁନିଭର୍ସିଟି ଏହାକୁ ଭାରତୀୟ ଆଇନ ଶିକ୍ଷାରେ ଏକ ନୂଆ ତଥା ବଡ଼ ପଦକ୍ଷେପ ବୋଲି କହିଛି। ଏ ନେଇ ଏନଏଲୟୁ ପକ୍ଷରୁ 'ଏକ୍ସ'ରେ ଏକ ପୋଷ୍ଟ କରାଯାଇଥିବା ବେଳେ ଏଥିରେ ଏନଏଲୟୁ ଭାଇସ ଚାନ୍ସଲେର ଜି.ଏସ.ବାଜପେୟୀଙ୍କ ସହ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ *(ପୃଷ୍ଠା ୭ରେ)*

## ବଜ୍ରାଘାତରେ ୧୦ ମୃତ

**ଭୁବନେଶ୍ୱର, ୧୬/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର କାଳବୈଶାଖୀ ବର୍ଷା ଓ ବଜ୍ରାଘାତରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାର ଖବର ମିଳିଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାରେ ୪ ଜଣ, ଗଞ୍ଜାମରେ ୨ଜଣ, ଯାଜପୁରରେ ୨ ଜଣ, ଗଜପତି ଓ ଢେଙ୍କାନାଳ ଜିଲ୍ଲାରେ ଜଣେ ଲେଖାଁଏ ବ୍ୟକ୍ତିଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଥିବା *(ପୃଷ୍ଠା ୭ରେ)*





# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ

# ମା’ ଓ ନବଜାତ ଶିଶୁପୁତ୍ରର ମୃତ୍ୟୁକୁ ନେଇ ଉତ୍ତେଜନା

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ପ୍ରସୂତି ଏବଂ ତାଙ୍କ ନବଜାତ ଶିଶୁପୁତ୍ର ମୃତ୍ୟୁବରଣ ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି । ମୃତକଜଣଙ୍କ ହେଲେ ସାନଖେମୁଣ୍ଡି ବ୍ଲକ କରାଖଣ୍ଡି ଗ୍ରାମର ରୋଜି ନାୟକ।

ସୂଚନାନୁଯାୟୀ, ଡେଙ୍ଗାଓସ୍ତା ଗ୍ରାମ ନିକଟ ସିଙ୍ଗପୁରର ରୋଜି ପ୍ରାୟ ବର୍ଷକ ପୂର୍ବେ କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜୁରାଟର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବାପରେ ସିଙ୍ଗପୁର ଗ୍ରାମର ବାପଘରେ ରହୁଥିଲେ। ସେ ପ୍ରାୟ ୯ ମାସର ଗର୍ଭବତୀ ଥିଲେ। ରବିବାର ମଧ୍ୟାହ୍ନରେ ପେଟରେ ଯନ୍ତ୍ରଣା ହେବାରୁ ବାପଘର ଲୋକେ ତାଙ୍କୁ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଆଲଟ୍ରାସାଉଣ୍ଡ କରାଯାଇଥିଲା। ପରେ ତାଙ୍କ ଅଧିକ ପ୍ରସବ ବେଦନା ହେବାରୁ ଉପସ୍ଥିତ ନର୍ସିଂହୋମ କର୍ମଚାରୀବୃନ୍ଦ ତାଙ୍କ ପ୍ରସବ କରାଇବା ପାଇଁ ରୋଜିଙ୍କ ପରିବାର ଲୋକଙ୍କୁ କହିଥିଲେ। ସେଠାରେ ତାଙ୍କ ପ୍ରସବ କରାଯାଇଥିଲା। ଏକ ମୃତ ଶିଶୁପୁତ୍ର ଜନ୍ମ ହେବାପରେ ରାତି ପ୍ରାୟ ୧୦ଟାରେ ରୋଜିଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ନର୍ସିଂହୋମ କର୍ତ୍ତୃପକ୍ଷ ରୋଜିଙ୍କ ପରିବାରଲୋକଙ୍କୁ ନ ଜଣାଇ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଦର୍ଶାଇ ୧୦୨ ଆମ୍ବୁଲାନ୍ସ ଡକାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କୁ କରାଖଣ୍ଡି ଗ୍ରାମକୁ ନିଆଯାଇ ସୋମବାର ଗାଁ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି। ଘଟଣା ପରଠାରୁ ନର୍ସିଂହୋମ ବନ୍ଦ ରହିଛି। ଖବରପାଇ ରୋଜିଙ୍କ ସ୍ୱାମୀ ବାବୁ ଘରେ ପହଞ୍ଚିଥିଲେ। ସ୍ତ୍ରୀଙ୍କ ମୃତ୍ୟୁରେ ସେ ଗଭୀର ମର୍ମାହତ ହୋଇପଡ଼ିଥିଲେ। ତାଙ୍କ ମା’ ତାଙ୍କୁ ଫୋନ୍ କରି ସ୍ତ୍ରୀ ଏବଂ ପୁଅ ମୃତ୍ୟୁ ନେଇ ଜଣାଇଥିବା ସେ କହିଥିଲେ। ନର୍ସିଂହୋମରେ କୌଣସି ଡାକ୍ତରଙ୍କ ଅନୁପସ୍ଥିତିରେ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ତାଙ୍କ ସ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବା କାରଣରୁ ତାଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ସେ ଦାବି କରିଛନ୍ତି।

ଅପରପକ୍ଷରେ ନର୍ସିଂହୋମ ପରିଚାଳକ ମଙ୍ଗୁଲୁ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଗର୍ଭବତୀ ରୋଜିଙ୍କୁ ପରିବାର ଲୋକେ ନର୍ସିଂହୋମକୁ ଆଣିଥିଲେ। ତାଙ୍କ ଅଲଟ୍ରା ସାଉଣ୍ଡ କରାଯିବା ପରେ ପ୍ରସବ ବେଦନା ବଢିଥିଲା। ତାଙ୍କୁ କୌଣସି ସରକାରୀ ଡାକ୍ତରଖାନାକୁ ନେବାପାଇଁ ପରିବାରଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସେମାନେ ନେଇ ନ ଥିଲେ। ପରେ ତାଙ୍କର ଏକ ମୃତ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ତାଙ୍କ ଅବସ୍ଥାରେ ସୁଧାର ନ ଆସିବାରୁ ପରିବାରଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ବୋଲି କହିଛନ୍ତି। ଏନେଇ ଦିଗପହଣ୍ଡି ଥାନା ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏନେଇ ଥାନାରେ କୌଣସି ଏତଲା ନ ଥିବା କହିଛନ୍ତି। ଅପରପକ୍ଷରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ଡା. ଭବାନୀ ଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ବୁଲୁନାଥ ସାହୁଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

## କୁଞ୍ଜୁରି ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରି ଗ୍ରାମ ଞ୍ଚାୟତ ସଭଗୃହରେ ମଙ୍ଗଳବାର ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣକ୍ଷଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ , ବେଗୁନିଆ ପ୍ରଦୀ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, କୁଞ୍ଜୁରୀ ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଣତି ସାହୁ,ବି ଡି ଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ତାପସ କୁମାର ବିଶୀ, ଡେପୁଟି କଲେକ୍ଟର, ଅଭିଯୋଗ ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇ ଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୨୦୦ଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୫୭ଟି ଅଭିଯୋଗ ବ୍ୟକ୍ତିଗତ, ୩୨ ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା କ୍ଷ ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କୁଂଜୁରି ଗ୍ରାମ ପଞ୍ଚାୟତର ବନିତା ଚମ୍ପତି ଙ୍କୁ ୨୫ ହଜାର, ସସ୍ମିତା ବେହେରାଙ୍କୁ ୨୦ ହଜାର ଏବଂ ଶୁଭମ ରଣସିଂହ ଙ୍କୁ ୧୫ ହଜାର ଲେଖାଏଁ ମୋଟ ୩ ଜଣ ଅଭିଯୋଗ କାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ଉଦ୍ୟାନ କୃଷି, ମତ୍ସ୍ୟ, ଏସ ଏସ ଇ ପି ଡି , ଆୟୁଷ୍ମାନ ଆରୋଗ୍ୟ ଶିବିର ଆଦି ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ କ୍ଷ ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀ ହିଆଲ ,ଜିଲ୍ଲା ମଙ୍ଗଳ ଅଧିକାରୀ, ଡ. ଗୀତାଂଶୁ ଦାଶ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ,ଜି ପି ଡି ଓ ,ଇତିଶ୍ରୀ ବେହେରା ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## କଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଆଜି ସକାଳ ୮ଟା ସମୟରେ ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ମଦ ଭାଟି ଭାଙ୍ଗିବା ସହ ୨୪ ଶହ ଲିଟର ପୋଚ ଓ ୧୬୦ ଲିଟର ଦେଶି ମଦ ଜବତ କରିନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ଏହି ଚଢାଉ ଅପରାହ୍ନ ୨ ଟା ସମୟରେ ଶେଷ ହୋଇଥିବା ବିଷୟ ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## ଡାଲା ଅଟୋ ଓଲଟି ଦୁଇ ମହିଳାଙ୍କ ମୃତ୍ୟୁ : ୧୪ଆହତ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଆସିକା ନିକଟସ୍ଥ କୋଟି ନଡ଼ା ଥାନା ଭେଟନଇ ନିକଟରେ ଆଜି ଏକ ଡାଲା ଅଟୋ ଓଲଟି ପଡ଼ିବାରୁ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । ଏଥିରେ ଆଉ ୧୪ଜଣ ଆହତ ହୋଇଛନ୍ତି। ଘଟଣା ସ୍ଥଳରେ ପୁଲିସ ପହଂଚି ଶବ ଦୁଇଟିର ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନାକୁ ପଠାଇଛି। ଆହତ ମାନଙ୍କୁ ଚିକିତ୍ସା ପାଇଁ ଆସିକା ଡାକ୍ତରଖାନାରେ ଭର୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଗୁରୁତର ଆହାତଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତର ଖାନାକୁ ପଠାଯାଇଛି। ବଡ଼ ଖୋଲିଠାରେ ଅନୁଷ୍ଠିତ ହେଉଥିବା ଯଜ୍ଞ ଯାତ୍ରା ଦର୍ଶନ କରି ଡାଲା ଅଟୋରେ ଯାତ୍ରୀମାନେ ଆସିକା ଫେରୁଥିବା ବେଳେ ଏହି ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ୨ ଲକ୍ଷ ୧୯ ହଜାର ଟଙ୍କା ତଣ୍ଡ ଗଣିଲେ ଗାଡ଼ି ମାଲିକ, ୩ ମାସ ପାଇଁ ଲାଇସେନ୍ସ ରଦ୍ଦ

**ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ହିଲ୍‌ଭିୟୁ ଛକ ନିକଟରେ ପୋଲିସ ଏବଂ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଏଥିରେ ବିନା ହେଲମେଟ୍‌ରେ ଯାତ୍ରା ସହ ସିଟ ବେଲ୍ଟ, ବାଇକ୍‌ରେ ୨ରୁ ଅଧିକ ଯାତ୍ରୀ, ଗାଡ଼ି କାଗଜପତ୍ର, ଆଦି ଯାଞ୍ଚ କରାଯାଇଥିଲା। ମୋଟ୍ ୩୪ଟି ଚାଲାଣ କଟାଯାଇ ମୋଟ୍ ୨ ଲକ୍ଷ ୧୯ ହଜାର ଜରିମାନା ବାବଦକୁ ଆଦାୟ କରାଯାଇଥିବା କନ୍ଧମାଳର ଟ୍ରାଫିକ ସବ୍‌ଇନ୍ସପେକ୍ଟର ଶିବାନୀ ମାଝୀ କହିଛନ୍ତି।

ସେ କହିଛନ୍ତି, ବ୍ରିଥ୍ ଆନାଲାଇଜର ମେଶିନ ଦ୍ୱାରା ଯାଞ୍ଚ କରାଯାଇ ୩ ଜଣ ମଦ୍ୟପ ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ୩ ମାସ ପାଇଁ ରଦ୍ଦ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ସେହିପରି ବିନା ହେଲମେଟ୍‌ରେ ଯାତ୍ରା ସହ ଗାଡ଼ି ରେଜିଷ୍ଟ୍ରେଶନ କାଗଜପତ୍ର, ଇନ୍‌ସ୍ୟୁରାନ୍ସ, ସିଟବେଲ୍ଟ ଆଦିରେ ଅନିୟମିତତା କରିଥିବା ୩୧ଟି ମାମଲା ରୁଜୁ କରାଯାଇ ଜରିମାନା ଆଦାୟ କରାଯାଇଛି। ଦାରିଙ୍ଗବାଡ଼ି ଥାନାର ଏଏସ୍‌ଆଇ ଅର୍ଜୁନ ଶବର, ଆଇଆରବି ଯବାନ ଓ ପରିବହନ ବିଭାଗର କର୍ମଚାରୀ ମିଳିତ ଭାବେ ଗାଡ଼ିମୋଟର ଯାଞ୍ଚ କରିଥିଲେ।



## ଓପିଏସସି ଓ ଓଏସଏସସିରେ ୪ ସଦସ୍ୟଙ୍କୁ ନିଯୁକ୍ତି : ପ୍ରଫେସର ମିହିର ପ୍ରସାଦ ମିଶ୍ର ହେଲେ ଓପିଏସସିର ନୂଆ ସଦସ୍ୟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଓ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)ରେ ଦୁଇଜଣ ଲେଖାଏଁ ସଦସ୍ୟଙ୍କୁ ସାମିଲ କରାଯାଇଛି। ଜଣଗଣନା ନିର୍ଦ୍ଦେଶକ ଥିବା ଆଇଏଏସ୍ ଅଧିକାରୀ ଉଦୟ ନାରାୟଣ ଦାସ ଏବଂ ପୁରୀସ୍ଥିତ ଏସ୍‌ସିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମିହିର ପ୍ରସାଦ ମିଶ୍ରଙ୍କୁ ଓପିଏସ୍‌ସି ସଦସ୍ୟ ଭାବେ ନୂତନ ନିଯୁକ୍ତି ଦିଆଯାଇଛି। ତାଙ୍କର କାର୍ଯ୍ୟକାଳ ୬ ବର୍ଷ ବା ସେମାନଙ୍କୁ ୬୨ ବର୍ଷ ହେବା ଯାଏଁ ରହିବ ବୋଲି ଦର୍ଶାଯାଇଛି। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରଫେସର ଥିବା ଡ. ଶୃତି ଦାସ୍ ଏବଂ ଅବସରପ୍ରାପ୍ତ ଆଇଏସ୍ ଅଧିକାରୀ ସୁଧାକର ବୁର୍ଗିଙ୍କୁ ଓଏସ୍‌ଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ବା ୬୫ ବର୍ଷ ହେବା ପର୍ଯ୍ୟନ୍ତ ରହିବ। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଜୟନଗର ରାସ୍ତା ଚଉଡ଼ା ନେଇ ଜବରଦଖଲ ଉଚ୍ଛେଦ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହରର ଜୟନଗର ଠାରୁ ଭୁତନାଥ ମନ୍ଦିର ଯାଏ ଆଜି ସକାଳ ୮ଟାରୁ ଆରମ୍ଭ କରାଯାଇ ଜବର ଦଖଲ ଉଛେଦ ଅପରାହ୍ନ ୧ ଘଂଟା ସମୟରେ ଶେଷ କରାଯାଇଥିଲା । ପ୍ରତ୍ୟେକ ଦିନ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ପ୍ରଶାସନ ତରଫରୁ ଏପରି ପଦକ୍ଷେପ ନିଆଯାଇଛି । ଜୟପୁର ଉପ ଜିଲାପାଳ ତଥା, ପୌର ନିବାହୀ ଅଧିକାରି ଆକା ବରମ ଶଶ୍ୟାରେଡ୍ଡିଙ୍କ ନିଦ୍ଦେଷରେ ଉଛେଦ କରାଯାଇଛି । ପୌର କର୍ମଚାରି, ରାଜସ୍ୱ ବିଭାଗ ଓ ପୋଲିସ ଉପସ୍ଥିତିରେ ଉଛେଦ କରାଯାଇଛି । ତହସିଲଦାର ଚିତ ରଞ୍ଜନ ପଟ୍ଟନାୟକ, ରାଜସ୍ୱ ବିଭାଗର ସୁପରଭାଇଜର ହରି ହରି ଶତପଥି ଓ ଦିଲ୍ଲିପ କୁମାର ପ୍ରଧାନ, ରାଜସ୍ୱ ନିରିକ୍ଷକ ଅଶୋକ କୁମାର ପ୍ରଧାନ ଓ ସଦା ହନ୍ତାଳ ,ଏଆରଆଇ ପଦ୍ମା ମୁଦୁଲି, ଅମିନ ସୁଭଶ୍ମିତା ଜେନା, ଅଭିନାଶ ସାନ୍ତାପାତ୍ର , ଆରଡିର କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପ୍ରଧାନ , ପୌର ପାଳିକାର ଅତିରିକ୍ତ ପୌର କାଯ୍ୟନିବାହୀ ଅଧିକାରି କୃତିବାସ ସାହୁ, ପୌର ଯନ୍ତ୍ରୀ ଅଜୟ ଜାନୀ, କନିଷ୍ଠ ଯନ୍ତ୍ରୀ ଚୈତନ୍ୟ ବାସକି, ଟାଉନ ପୋଲିସ ଉପସ୍ଥିତ ଥିଲେ ।

## ଖୋଲିବ ଆଉ ୭ ବହୁମୁଖୀ ସମବାୟ ସମିତି କୃଷି ଋଣ ସହ ସରଳ ହେବ ସାଧାରଣ ବଣ୍ଟନ




**ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ**

କୃଷିଋଣକୁ ବ୍ୟାପକ କରାଯିବା ସହ ସାଧାରଣ ବଣ୍ଟନ ସାମଗ୍ରୀକୁ ଲୋକଙ୍କ ନିକଟରେ ସୁବିଧାରେ ପହଞ୍ଚାଇବା, କୃଷି ଉପକରଣ, ବିହନ ବଣ୍ଟନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ଆଦି ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମିତିଗୁଡ଼ିକର ସମ୍ପ୍ରସାରଣକୁ ଗୁରୁତ୍ୱ ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ଥିବା ବୃହଦାକାର ବହୁମୁଖୀ ସମବାୟ ସମିତି ଲିଃର ଆହୁରି ସାତଟି ସମିତି ଖୋଲିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଦାରିଙ୍ଗବାଡ଼ିର ସମବାୟ ସମିତି ପକ୍ଷରୁ ଏହାର କାର୍ଯ୍ୟ ଚାଲିଥିବା ସମିତିର ପରିଚାଳିକା ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ପ୍ରଧାନ କହିଛନ୍ତି।

ସେ କହିଛନ୍ତି, ବାଡ଼ାବାଙ୍ଗୀ ଓ ସିମନବାଡ଼ି ପଞ୍ଚାୟତକୁ ନେଇ ସିମନବାଡ଼ିଠାରେ ନୂତନ ବହୁମୁଖୀ ସମବାୟ ସମିତି ଲିଃ କରାଯିବାକୁ ରହିଥିବା ବେଳେ ଗୁମିକିଆ ଏବଂ ବୁଢ଼ାଗୁଡାକୁ ନେଇ ବୁଢ଼ାଗୁଡ଼ାରେ ସମିତି ଖୋଲିବ। ସେହିପରି ସୋନପୁରକୁ ନେଇ ଦାରିଙ୍ଗବାଡ଼ିରେ କିରିକୁଟିକୁ ନେଇ ତିଲୋରୀ, ଭ୍ରମରବାଡ଼ିକୁ ନେଇ ସିଆଙ୍ଗବାଲି। ସେହିପରି ସିର୍କାବର୍ଗକୁ ନେଇ ଦନେକବାଡ଼ି ଏବଂ ଶ୍ରାନିକେତାକୁ ନେଇ ବର୍ତ୍ତମାହାରେ ନୂତନ ସମବାୟ ସମିତି ଖୋଲାଯିବ ବୋଲି କୁହାଯାଇଛି।

## ଚମ୍ପୁଆ ଥାନା ପକ୍ଷରୁ ଚଢାଉ ବେଳେ ୭୦ଲିଟର ମହୁଲି ମଦ ଜବତ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଥାନା ତଥା ଏନଏସି ଅନ୍ତର୍ଗତ ୨ ନଂ ୱାର୍ଡ ପାଞ୍ଚପଖୋରିଆରୁ ଚମ୍ପୁଆ ପୁଲିସ ୭୦ ଲିଟର ମହୁଲି (ଦେଶୀ) ମଦ ଜବତ କରିବା ସହ ଚୋରା କାରବାରରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ପାଞ୍ଚପୋଖରୀଆ ଗ୍ରାମରେ ଦୀର୍ଘଦିନ ହେବ ଦେଶୀ ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଦେଶୀ ମଦଭାଟି କର୍ମଚାରୀ ମାନେ ମଦ ଚୋରା ଚାଲାଣ କରୁଥିବା ବେଳେ ଚମ୍ପୁଆ ପୋଲିସ୍ କବଳରୁ ମଦ ବ୍ୟବସାୟୀ ଓ ଚୋରା ଚାଲାଣ କାରୀ ମାନେ ଚତୁରତାର ସହିତ ଖସି ଯାଉଥିଲେ । ତେବେ ଚମ୍ପୁଆ ପୁଲିସ୍ ସଦଳବଳେ ଚଢାଉ କରି ଏହି ଚୋରା କାରବାରର ମୁଖ୍ୟ ନାୟକ ରିମୁଳି ମଦଭାଟିର ସେଲସମ୍ୟାନ ଅମରେଶ ସିଂ (୪୨) ଓ ସାଥୀ ଧନୁର୍ଜୟ ସିଂ(୪୨) କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି । ସୂଚନା ଯୋଗ୍ୟ କି ରିମୁଳି ରେ ଥିବା ଦେଶୀ ମଦ ଭାଟି ରୁ ଚମ୍ପୁଆ ଉପଖଣ୍ଡ ର ଗ୍ରାମାଞ୍ଚଳ ଗୁଡ଼ିକ ରେ ଜରି ପ୍ୟାକେଟ ରେ ରନ୍ଧା ମଦ ଚୋରା ଚାଲାଣ ହେଉଥିବା ନେଇ ବିଭିନ୍ନ ସମୟ ରେ ଅଭିଯୋଗ ହୋଇଆସୁଛି । ଏ ନେଇ ପୁଲିସ୍ ପ୍ରଶାସନ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି ।

## ବିଷ ଖାଇ ଯୁବଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

**ଗୌଡ଼ପାଲି, ନ୍ୟୁଜ୍‌ବ୍ୟୁରୋ**

ଋଣ ବୋଝ ଓ ପରିବାର ପ୍ରତିପୋଷଣ ଚିନ୍ତାରେ ଜଣେ ଯୁବ ଚାଷୀ କୀଟନାଶକ ପିଇ ଜୀବନ ହାରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଜମନକିରା ବ୍ଲକ ଖର୍ସନମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଣିବନ୍ଧଲି ଗ୍ରାମର ସ୍ୱର୍ଗତ ନିଧୁ ମାଝୀଙ୍କ ପୁଅ ଶରତ ମାଝୀ (୪୦)। ଶରତ ୨୦୧୨ ମସିହାରେ ନିକଟସ୍ଥ ହଲଦିବାହାଲ ଗ୍ରାମର ସ୍ନେହଲତା ମାଝୀଙ୍କୁ ବିବାହ କରିଥିଲେ । ବିବାହର ଦୁଇ ବର୍ଷ ପରେ ଶରତ କୁଲୁଣ୍ଡି ଲ୍ୟାମ୍ପରୁ ଚାଷ କାମ ପାଇଁ ୬୦,୧୬୦ ଟଙ୍କା ଋଣ ନେଇଥିଲେ। ଯହାକି ବର୍ତ୍ତମାନ ସ୍ଥିତିରେ ସୁଧ ବଢ଼ି ସମୁଦାୟ ୧,୨୦,୩୨୦ ଟଙ୍କା ଋଣ ରହିଛି। ୨୦୨୦ରେ ଶରତ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ । ଚିକିତ୍ସା କରି କିଛି ମାତ୍ରାରେ ଭଲ ହେଲା ପରେ କୌଣସି ପ୍ରକାର ପରିବାର ଚଳାଇଥିଲେ। ପୁଅ ପୀୟୂଷ ମାଝୀ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ନାମଲେଖା ବାକି ଅଛି। ଶରତଙ୍କ ଶ୍ୱଶୁର ଘର ଗାଆଁରେ ଯାତ୍ରା ଚାଲିଥିବାରୁ ସ୍ତ୍ରୀ ଓ ପୁଅ ହଳଦୀବାହାଲ ଯାଇଥିଲେ। ଟଙ୍କା ଅଭାବରୁ ଋଣ ପରିଶୋଧ କରି ନ ପାରିବା ତଥା ପରିବାର ପ୍ରତିପୋଷଣ ଠିକ୍ ?ରେ କରି ନପାରିବାରୁ ଅନ୍ୟ ଉପାୟ ନପାଇ ସୋମବାର ରାତି ପ୍ରାୟ ସାଢ଼େ ୯ରେ ଶରତ ଘାସମରା ଔଷଧ ପିଇ ଦେଇଥିଲେ । ରାତି ୧୦ଟାରେ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ଆଇସିୟୁ ପାଇଁ କହିଥିଲେ ବି ଶରତଙ୍କୁ ଆଇସିୟୁ ମିଳି ନଥିଲା। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟାରେ ଶରତ ଆଖି ବୁଜିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ମଶାଣିରେ ତାଙ୍କ ଅନ୍ତ୍ୟେଷ୍ଟି କରାଯାଇଥିଲା।

## ପ୍ରେମ ବିବାହ କରିଥିବା ଯୁବତୀଙ୍କ ମୃତଦେହ ଉଦ୍ଧାର ହତ୍ୟା ନା ଆତ୍ମହତ୍ୟା କାରଣ ଅସ୍ପଷ୍ଟ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଘୁଚାପାଲି ଗାଁରେ ଜଣ ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ନାଁ କରିଶ୍ମା ଦୀପ। ଗତ ମାର୍ଚ୍ଚ ମାସ ୨ ତାରିଖ ଦିନ କରିଶ୍ମା ଘୁଚାପାଲି ଗ୍ରାମର ଟିକେଲାଲ କୁମ୍ଭାରଙ୍କ ବଡ଼ପୁଅ ବେଣୁଧର କୁମ୍ଭାରଙ୍କ ସହ ପ୍ରେମ ବିବାହ କରିଥିଲେ। ଗତ ଏପ୍ରିଲ ୭ ତାରିଖ ବେଣୁଧର କେରଳ ରାଜ୍ୟ ସ୍ଥିତ ତ୍ରିଶୂରକୁ କମ୍ପାନୀରେ କାମ କରିବା ପାଇଁ ଯାଇଥିବା ବେଳେ ଗାଁରେ ତାଙ୍କ ସ୍ତ୍ରୀ କରିଶ୍ମା ସହ ମା’ ଏବଂ ଦିଅର ରହୁଥିଲେ। ମଙ୍ଗଳବାର ସନ୍ଧ୍ୟା ସମୟରେ କରିଶ୍ମା ଭିତରପଟୁ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିଲେ। ତାଙ୍କ ଦେହରେ କ୍ଷତ ଥିବାବେଳେ ତଳେ ବ୍ଲଡ଼ ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଛି। ମୃତ ମହିଳାଙ୍କ ବାପା ଲକ୍ଷ୍ମଣ ଦୀପଙ୍କ କହିବା ଅନୁଯାୟୀ ମୋ ଝିଅକୁ ତାର ଶ୍ୱଶୁର ଘର ଲୋକେ ପ୍ରଥମେ ମାରି ଦେଇଥିବାବେଳେ ପରେ ତାର ଶରୀରକୁ ଟାଙ୍ଗି ଆତ୍ମହତ୍ୟା ରୂପ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କରିଶ୍ମାଙ୍କ ଶ୍ୱଶୁର ଘର ଲୋକେ କହିଛନ୍ତି ଯେ ସେ ଆତ୍ମହତ୍ୟା କରିଛନ୍ତି। ଖପ୍ରାଖୋଲ ଥାନା ଅଧିକାରୀ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ କରିଶ୍ମାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ଏନେଇ ଖପ୍ରାଖୋଲ ଥାନା କେସ ନଂ ୯୯/ ୨୦୨୫ରେ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି ।

ବିଷ ଖାଇ ଯୁବଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

ଗୌଡ଼ପାଲି,୧୩୫(ଆପ୍ର): ଋଣ ବୋଝ ଓ ପରିବାର ପ୍ରତିପୋଷଣ ଚିନ୍ତାରେ ଜଣେ ଯୁବ ଚାଷୀ କୀଟନାଶକ ପିଇ ଜୀବନ ହାରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଜମନକିରା ବ୍ଲକ ଖର୍ସନମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଣିବନ୍ଧଲି ଗ୍ରାମର ସ୍ୱର୍ଗତ ନିଧୁ ମାଝୀଙ୍କ ପୁଅ ଶରତ ମାଝୀ (୪୦)। ଶରତ ୨୦୧୨ ମସିହାରେ ନିକଟସ୍ଥ ହଲଦିବାହାଲ ଗ୍ରାମର ସ୍ନେହଲତା ମାଝୀଙ୍କୁ ବିବାହ କରିଥିଲେ । ବିବାହର ଦୁଇ ବର୍ଷ ପରେ ଶରତ କୁଲୁଣ୍ଡି ଲ୍ୟାମ୍ପରୁ ଚାଷ କାମ ପାଇଁ ୬୦,୧୬୦ ଟଙ୍କା ଋଣ ନେଇଥିଲେ। ଯହାକି ବର୍ତ୍ତମାନ ସ୍ଥିତିରେ ସୁଧ ବଢ଼ି ସମୁଦାୟ ୧,୨୦,୩୨୦ ଟଙ୍କା ଋଣ ରହିଛି। ୨୦୨୦ରେ ଶରତ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ । ଚିକିତ୍ସା କରି କିଛି ମାତ୍ରାରେ ଭଲ ହେଲା ପରେ କୌଣସି ପ୍ରକାର ପରିବାର ଚଳାଇଥିଲେ। ପୁଅ ପୀୟୂଷ ମାଝୀ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ନାମଲେଖା ବାକି ଅଛି। ଶରତଙ୍କ ଶ୍ୱଶୁର ଘର ଗାଆଁରେ ଯାତ୍ରା ଚାଲିଥିବାରୁ ସ୍ତ୍ରୀ ଓ ପୁଅ ହଳଦୀବାହାଲ ଯାଇଥିଲେ। ଟଙ୍କା ଅଭାବରୁ ଋଣ ପରିଶୋଧ କରି ନ ପାରିବା ତଥା ପରିବାର ପ୍ରତିପୋଷଣ ଠିକ୍ ?ରେ କରି ନପାରିବାରୁ ଅନ୍ୟ ଉପାୟ ନପାଇ ସୋମବାର ରାତି ପ୍ରାୟ ସାଢ଼େ ୯ରେ ଶରତ ଘାସମରା ଔଷଧ ପିଇ ଦେଇଥିଲେ । ରାତି ୧୦ଟାରେ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ଆଇସିୟୁ ପାଇଁ କହିଥିଲେ ବି ଶରତଙ୍କୁ ଆଇସିୟୁ ମିଳି ନଥିଲା। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟାରେ ଶରତ ଆଖୁ ବୁଜିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ମଶାଣିରେ ତାଙ୍କ ଅନ୍ତ୍ୟେଷ୍ଟି କରାଯାଇଥିଲା। ପୁଅ ପୀୟୂଷ ମୁଖାଗ୍ନି ଦେଇଥିଲେ। ଅନ୍ୟପକ୍ଷରେ କୁଲୁଣ୍ଡି ଲ୍ୟାମ୍ପସ ତରଫରୁ ଋଣ ପରିଶୋଧ ପାଇଁ କୌଣସି ନୋଟିସ କିମ୍ବା ଚାପ ନ ଥିଲା ବୋଲି ଲ୍ୟାମ୍ପସ୍ କର୍ମଚାରୀ କହିଛନ୍ତି।

## ପିଲା ଚୋରି ଅଭିଯୋଗ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

**ବାଲେଶ୍ୱର, ନ୍ୟୁଜ୍**

ଅଲଟ୍ରାସାଉଣ୍ଡ୍ ରିପୋର୍ଟ ଅନୁସାରେ ଗର୍ଭବତୀଙ୍କର ଯାଆଁଳା ସନ୍ତାନ ଥିଲା କିନ୍ତୁ ଜନ୍ମନେଲା ଗୋଟିଏ। ଏହାକୁ ନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି । ଅଲଟ୍ରାସାଉଣ୍ଡ୍ ରିପୋର୍ଟକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ପିଲା ଚୋରି ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ।

ସୂଚନା ମୁତାବକ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା କୁଅଁରପୁର ଅଞ୍ଚଳର କାହ୍ନୁଚରଣ ପାଲଙ୍କ ପତ୍ନୀ ସୋନାଲିବିନ୍ଦୁ ପ୍ରଧାନଙ୍କୁ ପ୍ରସବ ଯନ୍ତ୍ରଣା ହୋଇଥିଲା। ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଘଣ୍ଟାଏ ପରେ ଅର୍ଥାତ୍ ୬ଟା ପରେ ତାଙ୍କ ଆଲଟ୍ରାସାଉଣ୍ଡ ହୋଇଥିଲା । ଗର୍ଭରେ ୨ଟି ଶିଶୁ ଥିବା ରିପୋର୍ଟ ଆସିଥିବା ବେଳେ ଜୁନ୍ ୧୭ରେ ପ୍ରସବ ହେବା ନେଇ ଉଲ୍ଲେଖ ରହିଛି। ହେଲେ ସନ୍ଧ୍ୟା ସମୟରେ ସୋନାଲିଙ୍କର ଯନ୍ତ୍ରଣା ବଢ଼ିବାରୁ ସନ୍ଧ୍ୟା ପ୍ରାୟ ୭% ୪୦ରେ ଡାକ୍ତର ପ୍ରସବ କରାଇଥିଲେ। ଗୋଟିଏ ଶିଶୁପୁତ୍ର ଜନ୍ମ ହୋଇଥିବା ମେଡିକାଲ୍ ପକ୍ଷରୁ କୁହାଯାଇଥିଲା। ଆଉ ଗୋଟିଏ ପିଲା କୁଆଡ଼େ ଗଲା ବୋଲି ପଚାରିଥିଲେ ପରିବାର ଲୋକେ। ପିଲା ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। କାହ୍ନୁଚରଣ କହିଛନ୍ତି, ପତ୍ନୀ ଗର୍ଭବତୀ ହେବାର ପ୍ରଥମ ଦିନରୁ ବାଲେଶ୍ୱର ସହରର ଏକ ବେସରକାରୀ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ କରାଇଥିଲୁ। ଗର୍ଭରେ ଦୁଇଟି ଶିଶୁ ଥିବା ଡାକ୍ତର କହିଥିଲେ। ଯନ୍ତ୍ରଣା ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ, ଏଠାରେ ମଧ୍ୟ ଅଲଟ୍ରାସାଉଣ୍ଡ୍ ରିପୋର୍ଟରେ ୨ଟି ଶିଶୁ ଥିବା ସ୍ପଷ୍ଟ ଲେଖା ଅଛି। ଏବେ ଗୋଟିଏ ପିଲା କେମିତି ଜନ୍ମ ହେଲା। ଅସ୍ତ୍ରୋପଚାର କକ୍ଷକୁ ଆମକୁ ତ ଛଡ଼ା ହେଉନି, ପିଲା ଚୋରି ହୋଇଛି କି ରିପୋର୍ଟ ଭୁଲ କେମିତି ଜାଣିବୁ। ଡାକ୍ତରଖାନା କର୍ତ୍ତୃପକ୍ଷ ମଧ୍ୟ ନିରବ ଅଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ସିଡିଏମ୍‌ଓ ଡା. ସୁଶାନ୍ତ ନାୟକ କହିଛନ୍ତି; ପୂର୍ବରୁ ସୋନାଲି ଏକ ଘରୋଇ କ୍ଲିନିକ୍‌ରେ ଅଲ୍ଟ୍ରାସାଉଣ୍ଡ କରାଇଥିଲେ। ସେଥିରେ ଭୁଲ୍ ରିପୋର୍ଟ ଆସିଛି। ମୁଖ୍ୟ ଚିକିତ୍ସାଳୟରେ ଅଲ୍ଟ୍ରାସାଉଣ୍ଡ କରିଥିବା ଡାକ୍ତର ପୂର୍ବ ରିପୋର୍ଟ ନେଇ ସନ୍ଦେହରେ ଥିଲେ। ତାଙ୍କର ଗୋଟିଏ ଶିଶୁ ଜନ୍ମ ହୋଇଛି ବୋଲି ସିଡିଏମ୍‌ଓ କହିଛନ୍ତି।

## ନିରାଶ୍ରୟାଙ୍କ ଶବ ସତ୍କାର କଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଗତିକା ଫାଉଣ୍ଡେସନ୍‌ରେ ରହୁଥିବା ଜଣେ ନିରାଶ୍ରୟା ମହିଳାଙ୍କର ମୃତ୍ୟୁ ଘଟିବା ପରେ ସଂଗଠନ ତରଫରୁ ତାଙ୍କ ଶବ ସତ୍କାର କରାଯାଇଥିବା ଜଣାପଡିଛି । ପୁରୀ ଅଞ୍ଚଳର ବାସିନ୍ଦା କୁମକୁମ ମିତ୍ର(୭୫) ଆଜକୁ କିଛି ବର୍ଷ ହେବ ଘରଦ୍ୱାର ଛାଡି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମରେ ଆଶ୍ରୟ ନେଇଥିଲେ । ସୋମବାର ସକାଳୁ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଫାଉଣ୍ଡେସନର ପରିଚାଳକ ଦେବେନ୍ଦ୍ର ପୃଷ୍ଟି ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରିଛନ୍ତି ।

## କୋରାପୁଟ ଜିଲାରେ ବଢୁଛି ବେକାରୀ, କମୁନି ଦାଦନ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଶିଳ୍ପ ବିହୀନ କୋରାପୁଟ ଜିଲାରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ନିଯୁକ୍ତି ଅଭାବ ସାଙ୍ଗକୁ ଚାଷ ପ୍ରତି ଚାଷୀ ପରିବାର ମୁହଁ ଫେରାଉଥିବାରୁ ବେକାରୀ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି । ଅଧା ପାଠୁଆ ଯୁବପିଢ଼ି ରୋଜଗାର ନପାଇ ଅପରାଧ ମୁହାଁ ହେଉଥିବା ବେଳେ ଅନେକ ପେଟ ପାଟଣା ପାଇଁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି । କୋରାପୁଟ ଜିଲାର ୯୬ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବା ବେଳେ ୪ ପ୍ରତିଶତ ସହରାଞ୍ଚଳରେ ରହୁଛନ୍ତି । ଦିନକୁ ଦିନ ପ୍ରାକୃତିକ ସମ୍ପଦ ଧ୍ୱଂସ, ଜଙ୍ଗଲ ଅବକ୍ଷୟ,ବିକାଶ ନାମରେ ପାହାଡ଼ ଧ୍ୱଂସ ଭଳି ମଣିଷକୃତ ବିପର୍ଯ୍ୟୟ ଯୋଗୁଁ ଜିଲାରେ ପାଣିପାଗରେ ଅନିୟମିତତା ଦେଖାଦେଇଛି । ଜିଲାରେ ମୁଖ୍ୟ ଆୟକାରୀ ଫସଲ ଭାବେ ୮୫ ହଜାର ହେକ୍ଟର ଧାନ ଚାଷ କରାଯାଉଛି । କୃଷିଭିତ୍ତିକ ଜିଲା ଭାବେ ପରିଚିତ କୋରାପୁଟ ଜିଲାରେ ଜଳସେଚନର ପ୍ରାୟ ସବୁ ବ୍ଲକ ରେ ସେତିକି ସୁଯୋଗ ନାହିଁ । କୋଲାବ ପ୍ରକଳ୍ପରେ ଜଳ ସଂରକ୍ଷଣ କ୍ଷମତା ଥାଇ ମଧ୍ୟ ଉପରମୁଣ୍ଡରେ ବର୍ଷା ନହେଲେ ଆବଶ୍ୟକ ସମୟରେ ଚାଷୀଙ୍କ କାମରେ ଲାଗିପାରୁନାହିଁ । ବିଳମ୍ବିତ ପାଣିପାଗ ଯୋଗୁଁ କେଉଁବର୍ଷ ଚାଷୀ ଫସଲର ପ୍ରକୃତ ମୂଲ୍ୟ ପାଉଛି ତ ଆଉ କେଉଁବର୍ଷ ନାହିଁ । ଫଳରେ ଚାଷୀ ପରିବାର ଚାଷରୁ ବିମୁଖ ହେବାରେ ଲାଗିଲେଣି । ଜିଲାରେ ସିଂହଭାଗ ଜମି ମାଲିକ ନିଜ ଚାଷଜମି ଭାଗୁଆଲୀ ଚାଷ କିମ୍ବା ଠିକା ଭିତ୍ତିରେ କ୍ଷୁଦ୍ର ଚାଷୀଙ୍କୁ ଦେଇ ଚାଷ କରାଉଛନ୍ତି । ଫସଲ କ୍ଷତି ହେଲେ ପ୍ରକୃତ ଚାଷୀ ସରକାରୀ ସୁବିଧା ଓ କ୍ଷତିପୂରଣରୁ ବଞ୍ଚିତ ହେଉଛନ୍ତି । ସାଧାରଣ ଲୋକଙ୍କ ପାଇଁ କାମ ଧନ୍ଦା ଅଭାବ ତଥା ନିଯୁକ୍ତି ସୁଯୋଗ ନଥିବାରୁ ଜିଲାରେ ଦାଦନ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି ।

## ଭଗବାନ ବୁଦ୍ଧଙ୍କୁ ଦୀପଦାନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ବୁଦ୍ଧ ପୂର୍ଣ୍ଣିମା ଅବସରରେ ଚୌଦ୍ୱାରସ୍ଥିତ ବୁଦ୍ଧଦେବଙ୍କ ସମାଧୀ କୁହାଯାଉଥିବା ବଧୀ କୁଦରେ ଦୀପ ଓ ଧୂପଦାନ କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ସୋମବାର ଅପରାହ୍ଣରେ ଅଞ୍ଚଳର ବହୁ ସଂଖ୍ୟକ ଲୋକ ବଧୀ କୁଦରେ ପହଞ୍ଚି ପ୍ରାର୍ଥନା କରିବା ସହିତ ଭଗବାନ ବୁଦ୍ଧଙ୍କ ଉଦ୍ଦେଶ୍ୟରେ ଦୀପ ଓ ଧୂପଦାନ କରିଥିଲେ । ଚୌଦ୍ୱାର ପ୍ରେସକ୍ଲବ୍ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଗଙ୍ଗାଧର ସାହୁ, କ୍ଲବ୍ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା,ଶୁଭେନ୍ଦୁ ସାମଲ,ଶିକ୍ଷାବିତ୍ ଶିବ ପ୍ରସାଦ ପତି, ଆଶୁତୋଷ ଦାସ, ପ୍ରକାଶ ନାୟକ, ବିମଳ କୁମାର ବେଉରା,ଅଶୋକ କୁମାର ଦାସ, ଅଜିତ୍ କୁମାର ସ୍ୱାଇଁ, ସସ୍ମିତା ବିଶ୍ୱାଳ, ମହେନ୍ଦ୍ର କୁମାର ବିଶ୍ୱାଳ,ଗୁଲଫାମ୍ ହୋସେନ୍, ବିଭୂ କଲ୍ୟାଣ ମହାନ୍ତି, ସେକ୍ ମୁଜାମିଲ, ଲକ୍ଷ୍ମୀଧର ଦାସ, ସୁଧାକର ସାମନ୍ତରାୟଙ୍କ ସମେତ ବହୁ ଶ୍ରଦ୍ଧାଳୁ କୁଦରେ ବୁଦ୍ଧଦେବଙ୍କୁ ପ୍ରାର୍ଥନା କରି ସମାଧୀ ଚତୁର୍ପାର୍ଶ୍ୱ ପ୍ରଦକ୍ଷିଣ କରିବା ସହିତ ଦୀପଦାନ କରିଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ବିଶ୍ୱ ଅର୍ଥନୀତି ସହିବ କ୍ଷତି

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରାନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତନଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)
ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)

ମନ୍ଦର ପର୍ବତ ପରି ଅହଂକାରୀ
ମନୁଷ୍ୟ ଶରୀର ଧରି
ମନ୍ଦ ଉଦ୍ଦେଶ୍ୟକୁ ହୃଦୟରେ ଭରି
କହନ୍ତି ନେତା ସବୁରି। (୧୧)
ମଗର ପରାୟେ ମନ ତ ତାଙ୍କରି
ଉପର ଚିକ୍କଣ ଭାରି
ମଧୁର ମଧୁର କଥା କହି କରି
ଜୀବନରୁ ଦେବେ ମାରି । (୧୨)
ମଶା ମାଛି ମୂଷା ସ୍ୱଭାବକୁ ଧରି
ଶୋଷନ୍ତି ରକ୍ତ ସବୁରି
ମନକୁ ଗୋପନ କରି ମୂଷା ପରି
ଘୁରୁଥାନ୍ତି ମାଛି ପରି । (୧୩)

ମନ୍ତ୍ରୀ ପରିଷଦ କଳ୍ପନାକୁ ଧରି
କରୁଥିବେ ନେତାଗିରି
ମଦୁଆ ମାତାଲ ଠିକାଦାର ଧରି
କୁହୁଡ଼ି ଥିବେ ପହଁରି। (୧୪)

ମନଟି ତାଙ୍କର ମାଓବାଦୀ ପରି
ମାଫିଆ ଉଠା ବେପାରୀ
ମଙ୍ଗ କରିଥାନ୍ତି ସମାଜକୁ ଧରି
କହିଲି ଭକ୍ତରେ ଠାରି। (୧୫)
ମନ୍ତ୍ର ଯନ୍ତ୍ର ତନ୍ତ୍ର ଭାବନାକୁ ଧରି
ମନ ଟଳିବ ସବୁରି
ମହାବାତ୍ୟା ପରି ମିଥ୍ୟା ଭାବ ଧରି
ଦିନରେ କରିବେ ଚୋରି (୧୬)

ମହୁଲି ବେପାରୀ ଦେଶୀ ମଦ ଧରି
ମାରିବେ ଛାପ ସର୍କାରୀ
ମଦ ନାରୀ ଧନ ଲାଞ୍ଚଦେଇ କରି
ଲୁଟିବେ ପ୍ରଜାଙ୍କ ଶିରୀ। (୧୭)

ମଶାଣି ଗୋଚର ସବୁ ନେବେ ହରି
ପାହାଡ ପର୍ବତ ଧରି
ମହାମାୟା ଲୀଳା କହିଲିରେ ଠାରି
ବନଲତା ଯିବ ସରି । (୧୮)

ମଉଜ କରିବେ କମ୍ପାନୀକୁ ଧରି
ପ୍ରଜା ହେବେ ମରାମରି
ମରଦ ପଣିଆ ଦେଖାଇବେ ଭାରି
ବିଦେଶୀ ପୁଞ୍ଜିକୁ ଧରି । (୧୯)
ମଣି ଖଣି ସବୁ କରିବେ ବିକିରି
କ୍ଷେତ ନଥିବ କାହାରି
ମନ ଭୁଲାଣିଆ ସ୍ଲୋଗାନ କରି
ଓଡ଼ିଶା ଯିବେ ପାଶୋରି (୨୦)

(କ୍ରମଶଃ)

# ବଧୂ ବିଦେଶିନୀ–୨୫

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୯. ଉଦୟନଙ୍କ ଲିଖିତ ପତ୍ର ପଠନ ଓ ମୋର ପ୍ରତ୍ୟୁତ୍ତର


ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଉଦୟନଙ୍କ ଉତ୍ତର ପତ୍ରାକାରରେ ଆମ୍ଭ ପାଖକୁ ଆସିବ ବୋଲି ଆମ୍ଭେ ଦୁଇସଖୀ ପ୍ରତୀକ୍ଷାରେ ଥିଲୁ। କିନ୍ତୁ ବ୍ୟଗ୍ରତା ଆମପାଇଁ ନ ଥିଲା। କାରଣ ଏହା ସ୍ୱତଃସିଦ୍ଧ ଥିଲା ଯେ ସେ ମୋତେ ଗଭୀର ପ୍ରେମ କରୁଛନ୍ତି। କିନ୍ତୁ ସାମାଜିକ ପ୍ରତିବନ୍ଧକ ହେତୁ ଏ ଦିଗରେ ଅଗ୍ରସର ହେବାର ନିଷ୍ପତ୍ତିରେ ସେ ସହଜରେ ଉପନୀତ ହୋଇ ପାରିବେ ନାହିଁ ବୋଲି ମୋର ବିଶ୍ୱାସ ଥିଲା। ଏହିପରି ପ୍ରାୟ ୪–୫ ଦିନ ଅତିବାହିତ ହୋଇଗଲା ଓ ଆମ୍ଭେ ତାଙ୍କ ମୁଖରେ ଚିନ୍ତିତ ଥିବାର ଭାବ ସ୍ପଷ୍ଟ ଅନୁମାନ କରିପାରୁଥିଲୁ। ଏହାପରେ ଆମ୍ଭେ ଦିନେ ଅନୁଭବ କଲୁ ଯେ ସେ କିଛି କହିବେ ବୋଲି ବାରମ୍ବାର ଦୁଇଦିନ ପର୍ଯ୍ୟନ୍ତ, ସୁହାସୀର ମୁଖକୁ ଚାହୁଁଛନ୍ତି। କିନ୍ତୁ କିଛି ଭାଷାରେ ବା ଇଂଗିତରେ ମଧ୍ୟ ପରିପ୍ରକାଶ କରିପାରୁନାହାଁନ୍ତି। ତେଣୁ ମୁଁ ସୁହାସୀକୁ କହିଲି, "ଦେଖ ସଖୀ, ଉଦୟନ ତୋତେ କିଛି କହିବେ ବା ହୁଏତ ପତ୍ର ଦେବାକୁ ଇଚ୍ଛା କରୁଥିବା ସଦୃଶ ଜଣାପଡୁଛନ୍ତି। ତୁ ସମୟ ଦେଖି ତାଙ୍କ ସାନିଧ୍ୟରେ ଗୁପ୍ତଭାବେ ଆସିଯାଆ। ଦେଖିବା କଥା କ'ଣ ଅଟେ।" ସୁହାସୀ 'ହଁ' କରି ପ୍ରସ୍ତୁତ ହେଲା।

ତଦନୁଯାୟୀ ପରଦିନ ଅଧ୍ୟାପନା ଶେଷ ହେବା ସମୟରେ ସୁହାସୀକୁ ପଛରେ ଛାଡି ଦେଇ ଦ୍ରୁତଗତିରେ ମୁଁ ଅଗ୍ରସର ହୋଇ କିଛି ଦୂରରେ ସୁହାସୀ ଆସିବାପାଇଁ ପ୍ରତୀକ୍ଷାରତ ହେଲି। ସୁହାସୀ ଏକାକିନୀ ହେବା ଦେଖି ଉଦୟନ ନିଜେ ପଛରେ ରହିଗଲେ। ଏ ସୁଯୋଗ ପାଇ ସୁହାସୀ ତାଙ୍କ ପାଖକୁ ଆସି ହାତର ଇଂଗିତରେ 'କ'ଣ ?' ବୋଲି ପଚାରିଦେଲା। ତାହା ଦେଖି ଉଦୟନ ତତ୍ପର ହୋଇ ସୁହାସୀକୁ ତାଙ୍କ ଲିଖିତ ପତ୍ରଟି ହସିକରି ବଢାଇଦେଲେ। ସୁହାସୀ ମଧ୍ୟ ହସି ଦେଇ ତ୍ୱରିତ ଆସି ମୋ ସହ ଯୋଗଦେଲା। ତାକୁ ଅତି ଆଗ୍ରହ ପ୍ରକାଶ କରି ପଚାରିଲି, 'କ'ଣ ହେଲା ?' ସୁହାସୀ କହିଲା, " ସବୁ ଠିକ୍ ଅଛି। ପତ୍ର ଦେଇଛନ୍ତି। ବର୍ତ୍ତମାନ ନୁହେଁ, ସମସ୍ତ କାର୍ଯ୍ୟ ସମାପନ ପରେ ରାତିରେ ପଢାଯିବ। ଧୈର୍ଯ୍ୟ ଧର।" ମୁଁ ହସି କହିଲି, "ହେଉ, ତୋ' କଥା ହେଉ। ଚାଲେ ଯିବା।' ଆମେ ଆମ୍ଭ ଆବାସ ସ୍ଥାନକୁ ଆସିଗଲୁ।

ସଂଧ୍ୟା ସମୟରେ ସମସ୍ତ ନିୟମିତ କାର୍ଯ୍ୟ ଆମ ଶେଷ କରି ଶଯ୍ୟାଗତ ହେବାକୁ ପ୍ରସ୍ତୁତ ହେଲୁ। ତେଣୁ ମୁଁ କହିଲି, "ଆରେ ସଖୀ, ଏଥର ସମୟ ହୋଇଗଲା। ସେ ପତ୍ରଟି ମୋତେ ଦିଏ।" ସୁହାସୀ ଶୀଘ୍ର ଉତ୍ତର ଦେଲା, 'ତୋ ଅପେକ୍ଷା ମୋର ଉତ୍କଣ୍ଠା ମଧ୍ୟ ଅଧିକ। ଏକା ସମୟରେ ପତ୍ର ପାଠ କରିବା ସୁବିଧାଜନକ ନୁହେଁ। ତେଣୁ ମୁଁ ପତ୍ରଟି ପାଠ କରୁଛି। ତୁ ଶୁଣେ। ତା'ପରେ ଏହା ବିଷୟରେ ବାର୍ତ୍ତାଳାପ କରିବା।' ମୁଁ ଶିର ହଲାଇ ସମ୍ମତି ପ୍ରକାଶ କଲି। ସୁହାସୀ ପତ୍ରଟିକୁ ବିଭିନ୍ନ ଭଂଗିମା କରି ପାଠ କଲା ନିମ୍ନମତେ :

... ହେ ପ୍ରିୟେ ମୋ କଥା ବିଚାର
ପାଇଲି ସାନ୍ନିଧ୍ୟ ତୁମର ମାର ମାରେ ମୋ ହୃଦେ ଶର ।।
ତୁମ ରୂପଶ୍ରୀ ମୋ ନେତ୍ର ସମ୍ମୁଖେ ସଦା ଆତଯାତ
କରୁଛି ପ୍ରଚେଷ୍ଟା ସତତ ଏ ସବୁ ଭୁଲି ହେବି ମୁକ୍ତ ।।
ତୁମେ ଅନନ୍ୟା ଗୁଣଧାରୀ ଅଟ ପୁଣି ରାଜ କୁମାରୀ
ପାରିବ ରାଜପୁତ୍ର ବରି ଭୋଗିବ ଧନ ମାନ ଶିରି ।।
ମୋ ପରିବାର ମଧ୍ୟବିତ୍ତ ନାହିଁ ତ ପ୍ରଚୁର ସମ୍ପଦ
ହେଉ ନାହିଁ ତ ମୋତେ ଜ୍ଞାତ କିପାଇଁ ମୋ ପ୍ରତି ଆସକ୍ତ।।
ଶୈଶବେ କରିଛି ଶପଥ ବରିବି ସନ୍ନ୍ୟାସର ପଥ
ହେଲେ ସିନା ଗୁରୁ ସମ୍ମତ ସେ ପଥୁଁ ହେବି ମୁଁ ବିଚ୍ୟୁତ।।
ଜନ୍ମ ମୋ ବିପ୍ର ପରିବାର ଯହିଁ ସର୍ବେ ରକ୍ଷଣଶୀଳ
କୁଳଗୁରୁ ଓ ପିତାଙ୍କର ବିବାହେ ଜାତିର ବିଚାର ।।
ଏ ପାଣି ଗ୍ରହଣେ ବାଧକ ରହିଛି ଜାତିର ପାର୍ଥକ୍ୟ
ସଦୟେ ମୋର କଥା ରଖ କରନା ଏ ବିଶାଳ ତ୍ୟାଗ ।।
କରିଣ ତେଣୁ ସ୍ଥିର ମନ ଭୁଲି ଯା' ଏ ବ୍ୟର୍ଥ ଚିନ୍ତନ
ନିକଟ ଶିକ୍ଷା ସମାପନ ସ୍ୱଦେଶେ କର ଯେ ପ୍ରସ୍ଥାନ ।।

(ଲେଖକଙ୍କ ''କାବ୍ୟ କଲ୍ଲୋଳିନୀ''ରୁ ଉଦ୍ଧୃତ)

ପତ୍ର ପଢି ଦୁହେଁ ଆନନ୍ଦିତ ହେଲୁ। କିନ୍ତୁ ମୁଁ ଥିଲି ଭୁକ୍ତଭୋଗୀ। ତେଣୁ ମୋର ବିପରୀତ ଚିନ୍ତା ଆସିବା ସ୍ୱାଭାବିକ। ତେଣୁ ସୁହାସୀକୁ କହିଲି, "ଦେଖ, ସେ ତ ପ୍ରଥମେ ମୋ ପ୍ରତି ଗଭୀର ପ୍ରେମ ପ୍ରକଟ କରି ତାଙ୍କୁ ମାର (କଂଦର୍ପ) କାମ ଶର ମାରୁଛି ଓ ମୋ ରୂପଶ୍ରୀ ତାଙ୍କ ଆଖି ଆଗରେ ସର୍ବଦା ଆତଯାତ ହେଉଛି ବୋଲି ଲେଖିଛନ୍ତି। କିନ୍ତୁ ପରେ ତାଙ୍କ ମନରେ କାହିଁକି ତିନୋଟି ପ୍ରତିବନ୍ଧକ ରହିଛି ବୋଲି କହିଛନ୍ତି।" ସୁହାସୀ ମୋତେ କହିଲା, "ଆରେ ମୁର୍ଖ, ଯେଉଁ ପ୍ରେମ ପ୍ରକାଶ କରିଛନ୍ତି, ତାହା ବର୍ତ୍ତମାନ ପରିସ୍ଥିତିରେ ଯଥେଷ୍ଟ। ଏହାଦ୍ୱାରା ଆମ୍ଭର ଅର୍ଦ୍ଧାଧିକ କାର୍ଯ୍ୟ ହୋଇଗଲା। ତୁ ତାଙ୍କ ପତ୍ରର ଉତ୍ତର ପଦ୍ୟ ଆକାରରେ ଉତ୍ତମ ଶବ୍ଦ ଦେଇ ଲେଖେ। ସବୁ ଠିକ୍ ହୋଇଯିବ।"

ପୁଣି ମୋ ମନ ବୁଝିଲା ନାହିଁ। ମୁଁ ପଚାରିଲି, 'ତୁ କହ ସେ କାହିଁକି ଯବଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ଶେଷରେ କହିଛନ୍ତି ?" ସୁହାସୀ ସାଥି ସାଥି କହିଲା, 'ତୁ ବ୍ୟସ୍ତ ହୁଅନା। ସେ ତୋତେ ପରୀକ୍ଷା କରୁଛନ୍ତି। ସେ ଯେଉଁ ବିବାହ ପଥରେ ପ୍ରତିବନ୍ଧକ କଥା ଲେଖିଛନ୍ତି, ତା'ର ଉତ୍ତର ମୁଁ ତାଙ୍କୁ କଥାବାର୍ତ୍ତା ବେଳେ କହି ସାରିଛି। କିନ୍ତୁ ସେ ସବୁକୁ ନିଜେ ଅତିକ୍ରମ କରିବାକୁ ସାହସ କରିପାରୁନାହାଁନ୍ତି। କାରଣ ସେ ଏକ ଅତି ରକ୍ଷଣଶୀଳ ପରିବାରରେ ଜନ୍ମ। ମୁଁ ତାଙ୍କୁ ଯେତେବେଳେ ପତ୍ର ଦେବି ସେ ସମୟରେ ତାଙ୍କ ପୌରୁଷ, ସାହସ, ଧୈର୍ଯ୍ୟ ଆଦିକୁ ବାକ୍ୟବାଣରେ ଉଜାଗର କରାଇ ଦେବି। ତେଣୁ ସେ ଆମ୍ଭ ସହ ମିଳିକରି ସେ ସବୁ ସମସ୍ୟାର ସମାଧାନ ନିଶ୍ଚୟ କରିବେ।"

ତା'ପରେ ଆମ୍ଭେ ଦୁହେଁ ମିଳି ପତ୍ରରେ କ'ଣ କ'ଣ ଲେଖାହେବ, ସେ ବିଷୟକ କଥାବାର୍ତ୍ତା ବିଭିନ୍ନ ସମୟରେ କରିଚାଲିଲୁ। ଏ ସବୁ ପତ୍ରର ବିଷୟବସ୍ତୁ ଭାଷାରେ ଉପସ୍ଥାପନ କରିବାପାଇଁ ମୋତେ ସହାୟକ ହେଲା। ବାରମ୍ବାର ଲେଖି ଲେଖି ମୁଁ ଶେଷରେ ଉଦୟନଙ୍କୁ ପତ୍ରଲିଖନ କାର୍ଯ୍ୟ ତିନିଦିନରେ ସମାପନ କଲି।

ପତ୍ରଟିକୁ ସୁହାସୀକୁ ଦେଖାଇଲି। ସେ ପଢି ମୋର ଲିଖନ ଶୈଳୀ ଓ ତଥ୍ୟ ଉପସ୍ଥାପନକୁ ପ୍ରଶଂସା କରିଲା ଓ କହି ପକାଇଲା, "ଦେଖ ସଖୀ, ଏ ପତ୍ର ଦେଇ ପ୍ରେରଣାତ୍ମକ ବାକ୍ୟବାଣ ଉଦୟନଙ୍କୁ ଏପରି ମାରିବି ଯେ ସେ ଏ ସବୁ ପ୍ରତିବଂଧକମାନଙ୍କୁ ଦୂର କରିବାପାଇଁ ଅତି ତତ୍ପର ନ ହୋଇ ରହିପାରିବେ ନାହିଁ। ତୁ ଚିନ୍ତା କର ନାହିଁ। ସବୁ ସମାଧାନ ହୋଇଯିବ।" ମୁଁ ଶୁଣି ଅଳ୍ପ ଅଳ୍ପ ହସିଲି।

ମୋର ପତ୍ର ଲିଖନ କାର୍ଯ୍ୟ ଯେଉଁ ରାତ୍ର ସମୟକୁ ସମାପ୍ତ ହେଲା, ତା'ର ପରବର୍ତ୍ତୀ ଦୁଇଦିନ ଆମ୍ଭକୁ ବିଦ୍ୟାପୀଠରୁ ଅବକାଶ ମିଳିଥିଲା। ତେଣୁ ସୁହାସୀ ମୋ ପତ୍ରଟିକୁ ଦୁଇ ଦିନ ପରେ ଉଦୟନଙ୍କୁ ସୁବିଧା ଦେଖି ଦେବ ବୋଲି ସାଇତି ରଖିଲା। ମୁଁ ମନେ ମନେ ଆନଂଦିତ ଥିଲି।

ପରଦିନ ପ୍ରଭାତରେ ଆମ୍ଭେ ଭୁଲି ଯାଇଥିବା ଏକ କାର୍ଯ୍ୟ ଆସି ଆମ୍ଭ ସମ୍ମୁଖରେ ଦଣ୍ଡାୟମାନ ହେଲା। ତାହା ହେଲା ସଖୀ ମଂଜୁଳିକା ତା' ଗୃହକୁ ଯିବାକୁ ପଠାଇଥିବା ଅଶ୍ୱଯାନ। ସୁହାସୀ ସହ କଥା ହୋଇ ନିଷ୍ପତ୍ତି ହେଲା ଆମ୍ଭେ ଏକ ଦିନପାଇଁ ତା' ଘରକୁ ଯିବାକୁ। ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କୁ କହିଲୁ ଓ ସେ କିଛି କାର୍ଯ୍ୟ ହେତୁ ଯାଇପାରିବେ ନାହିଁ ବୋଲି ଜଣାଇଲେ। ତେଣୁ ପ୍ରସ୍ତୁତ ହୋଇ ଆମ୍ଭେ ଦୁହେଁ ଓଳାଶୁଣୀ ଗଲୁ। ସେଠାରେ ମଂଜୁଳିକା ସହିତ ଅନ୍ୟ ସମସ୍ତେ ଆମ୍ଭର ସ୍ୱାଗତ କଲେ।

ଆମେ ଦୁହେଁ ମଂଜୁଳା ସହ ମିଶି ତା' ପ୍ରତିଷ୍ଠିତ ଉଭୟ ବାଳିକା ଓ ବାଳକ ବିଦ୍ୟାଳୟ ଯାଇ ବିଦ୍ୟାଦାନ କାର୍ଯ୍ୟରେ ଦିନସାରା ନିମଗ୍ନ ରହିଲୁ। ଏ ସମୟରେ ଅବସର ଦେଖି ସୁହାସୀ ଓ ମୁଁ ଆମ୍ଭ ଓଳାଶୁଣୀ ବଣ ଭୋଜି ଓ ମୋ ସହ ହୋଇଥିବା ଦୁର୍ଘଟଣା ବିଷୟ କହିଲୁ ଏବଂ ଦଳଗତ ଭାବେ ଯାଇଥିବାରୁ ଆମ୍ଭେ ତାଙ୍କୁ ନ ଜଣାଇଥିଲୁ ବୋଲି କ୍ଷମା ମାଗିଲୁ। ଏହାପରେ ସୁହାସୀ ହଠାତ୍ ମଂଜୁଳାକୁ କହିଦେଲା, "ଶୁଣ, କଲ୍ଲୋଳା ଏବେ ଶାରୀରିକ ରୂପରେ ସଂପୂର୍ଣ୍ଣ ସୁସ୍ଥ। କିନ୍ତୁ ତା'ର ଆଉ ଏକ ଅସୁସ୍ଥତା ଆସିଯାଇଛି।" ଏଥିରେ ଉଦ୍‌ବେଗ ପ୍ରକାଶ କରି ମଂଜୁଳିକା ତାହା କ'ଣ ବୋଲି ଜାଣିବାକୁ ଚାହିଁଲା। କିନ୍ତୁ ସୁହାସୀ ସେ ବିଷୟ ରାତିରେ କହିବ ବୋଲି କହିଲା। ରାତ୍ରରେ ସେ ମୋ ପ୍ରେମ ବିଷୟରେ ସବୁ କିଛି କହିଲା। ଏଥିରେ ମଂଜୁଳା ଆନଂଦିତ ହୋଇ କହିଲା "ନିଶ୍ଚୟ ଏହା ସଂଘଟିତ ହେବ। ଏହିପରି କିଛି ସୁହାସୀକୁ ହୋଇଯାଉ ବୋଲି ମୁଁ କାମନା କରୁଛି। ମୁଁ ଏହାଦ୍ୱାରା ମୋ ଦୁଇସଖୀଙ୍କ ପାଖରେ ରହିପାରିବି।" ମୁଁ ଶୁଣି କହିଲି, "ତୁ ଗୋଟେ ରାଜକୁମାର ଖୋଜିକରି ଆଣେ"। ସମସ୍ତେ ହସିବାରେ ଲାଗିଲୁ। ତା' ପର ଦିନ ବିଦାୟ ନେଇ ଆମ୍ଭ ବିଦ୍ୟାପୀଠକୁ ପ୍ରତ୍ୟାବର୍ତ୍ତନ କରିଲୁ। ମୋର ପତ୍ରକୁ ଉଦୟନଙ୍କୁ ସୁହାସୀ ଦେବା ଇତ୍ୟାଦି କାର୍ଯ୍ୟ କରିବାକୁ ରହିଲା। (କ୍ରମଶଃ)

# ଅଭାବିଙ୍କ ସାମନ୍ତ–ଅଚ୍ୟୁତ ସାମନ୍ତ


ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
ajayakumarnanda@gmail.com

ବୟସ ପାଖାପାଖି ପଞ୍ଚାବନରୁ ଟିକିଏ ଉର୍ଦ୍ଧ୍ୱ । ଉଚ୍ଚତା ସେମିତି କିଛି ଅଧିକ ନୁହେଁ, ଆନୁମାନିକ ପାଞ୍ଚ ଫୁଟ୍‌ରୁ ସାମାନ୍ୟ ବେଶି, ବ୍ଲୁ ଜିନ୍ସ ପ୍ୟାଣ୍ଟ ସାଙ୍ଗକୁ ତୋଫା ଧଳା ରଙ୍ଗର ହାଫ୍ ସାର୍ଟ, ପକେଟ୍‌ରେ ରେନୋଲଡ୍ସ ପେନ୍ ସହିତ ଧଳା ସ୍ଲିପର୍ ଚପଲ ପରିଧାନ କରିଥିବା ଗୌରବର୍ଣ୍ଣର ଚର୍ଚ୍ଚିତ ଚେହେରା । ଯେ କେହି ବିମୋହିତ ହେବ ତାଙ୍କ ମୁଖ ମଣ୍ଡଳରେ ସରଳତାର ଛାପ ଦେଖି। ବାଲ୍ୟ କାଳରୁ ଦାରିଦ୍ର୍ୟ କଷାଘାତର ଅନେକ ଫର୍ଦ୍ଦ ଓଲଟାଇ ହାସଲ କରିଛନ୍ତି ଅଭାବ ଜନିତ ଅଭିଜ୍ଞତା । ସେମିତି କୌଣସି ସମ୍ଭ୍ରାନ୍ତ ପରିବାର ସଦସ୍ୟ ନୁହଁନ୍ତି, ଟାଟାରେ ଚାକିର କରୁଥିବା ବାପାଙ୍କ ସ୍ୱଳ୍ପ ରୋଜଗାରରେ ସାତ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୋଇଥିବା ଅଭାବି ପରିବାର । ପୁରୁଣା ଅବିଭକ୍ତ କଟକ ଜିଲ୍ଲାର ଏକ ନିପଟ ମଫସଲ ଗାଁ, ଯାହା ଏବେ ଦେଶର ଏକ ସ୍ମାର୍ଟ ଭିଲେଜ ମାନ୍ୟତା ପାଇ ସନ୍ତୋଷ ବ୍ୟକ୍ତ କରୁଛି, ନିଜ ମାଟିରେ ଜନ୍ମ ଦେଇଥିବା ଏଇ ସୁଯୋଗ୍ୟ ସନ୍ତାନ ପାଇଁ । ଏହା ଆମ ରାଜ୍ୟ ଓ ଦେଶ ପାଇଁ ଏକ ଗୌରବର ବିଷୟ । ବାଲ୍ୟାବସ୍ଥାରେ ମାତ୍ର ଚାରି ବର୍ଷ ବୟସରେ ବେସାହାରା ହୋଇଗଲେ ବାପାଙ୍କ ଦେହାନ୍ତକୁ ନେଇ । କଥାରେ ଅଛି 'ସୁଖ ଯାଏ ଘୋଡା ପିଠିରେ, ଦୁଃଖ ଆସେ ହାତୀ ପିଠିରେ'। ଏହି ପରିସ୍ଥିତିରେ ଦୁଃଖର କଳା ବାଦଲରେ ଆଚ୍ଛାଦିତ ହେଲା ସାରା ପରିବାର । ଚାଳିଶ ବର୍ଷର ବିଧବା ମାଆଙ୍କ ଉପରେ ପଡ଼ିଲା ପରିବାର ଚଳାଇବା ଦାୟିତ୍ୱ ସାଙ୍ଗକୁ ପିଲାମାନଙ୍କୁ ସମାଜରେ ଏକ ଭଲ ମଣିଷ ଭାବରେ ପ୍ରତିଷ୍ଠିତ କରାଇବା। ପଖାଳ ଶାଗ ଖାଇ ବଞ୍ଚିବା ଓ ଗାଁ ସ୍କୁଲରେ ପାଠ ପଢ଼ାଇବା ଆଦି ଦୁଇଟି ସଂକଳ୍ପ ମନରେ ଠିଆ କଲେ ସ୍ୱାଭିମାନି ମାଆ, ବିନା ଆର୍ଥିକ ସମ୍ବଳ ଓ ଘରବାଡ଼ି ଖଣ୍ଡକୁ ନେଇ । ସ୍ୱାଭିମାନି ମଣିଷର ପ୍ରଚେଷ୍ଟା ଆଗରେ ଯେମିତି ହାର୍ ମାନୁଥିଲା ବିଭିନ୍ନ ପ୍ରତିକୂଳ ପରିସ୍ଥିତି । ଗାଁ ଲୋକଙ୍କ ଧାନ ପେଷେଇବା, ଚୁଡା ପାଛୁଡ଼ିବା ଓ ଅନ୍ୟାନ୍ୟ କାମ ସାହାଯ୍ୟରେ ଯତ୍ କିଞ୍ଚିତ୍ ଖାଦ୍ୟ (ଚାଉଳ) ଯୋଗାଡ଼ ହେଉଥିଲା ସାତ ପ୍ରାଣୀ କୁଟୁମ୍ବଙ୍କ ପାଇଁ । ଗାଁ ପାଖ ନଈ କୂଳର ସନ୍ତସନ୍ତିଆ ଜାଗାରୁ ଯୋଗାଡ଼ ହେଉଥିଲା ମଦରଙ୍ଗା ଶାଗ ତ କେତେବେଳେ ମିଳୁଥିଲା ଅନ୍ୟ ବାଡ଼ି ବଗିଚାର ସଜନା ଶାଗ। ପଖାଳ ଭାତକୁ ଶାଗ ଖରଡ଼ା ଥିଲା ନିତିଦିନିଆ ବ୍ୟଞ୍ଜନ । ଏମିତି ଅନେକ ଉତ୍କଟ ଦାରିଦ୍ର୍ୟକୁ ସାମ୍ନା କରି ପ୍ରତିପୋଷଣ କରୁଥିଲେ ପରିବାରକୁ । ନୀତି ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ତାଙ୍କ ମାଆ। ମାଆଙ୍କର ପ୍ରତ୍ୟେକ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ, ଜଣେ ବଡ ମଣିଷ ପରିବର୍ତ୍ତେ ଜଣେ ଭଲମଣିଷ ହେବା ପାଇଁ । ହୁଏତ ଏହା ଥିଲା ଈଶ୍ୱରଙ୍କ ନିର୍ଦ୍ଦେଶ କିମ୍ବା ପୂର୍ବଜନ୍ମର କର୍ମଫଳ । ସ୍ୱର୍ଗତ ବାପାଙ୍କ ଆଶୀର୍ବାଦ ଓ ନିଜର ଆତ୍ମଚେଷ୍ଟା ବଳରେ ଅନେକ ଘାତ ପ୍ରତିଘାତ ମଳିନ ପଡ଼ିଯାଉଥିଲା । ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଶିକ୍ଷାଗତ ଯୋଗ୍ୟତାକୁ ପହଞ୍ଚାଇଥିଲେ ବିଶ୍ୱ ବିଦ୍ୟାଳୟ ସ୍ତରରେ, ଅର୍ଥାତ୍ ଓଡ଼ିଶାର ଗୌରବ ତଥାକଥିତ ଉତ୍କଳ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର । ପରେ ପରେ ଘରୋଇ ଟିଉସନ ସାଙ୍ଗକୁ, ସେତେବେଳର ବେସରକାରୀ କଲେଜ ଅଧ୍ୟାପକର ସ୍ୱଳ୍ପ ସମ୍ବଳ, ଭବିଷ୍ୟତରେ କିଛି ଗୋଟେ କରିବା ବା ଆତ୍ମନିର୍ଭର ଭଳି ଏକ ମାନସିକତାକୁ ଜନ୍ମ ଦେଇଥିଲା । ଫଳସ୍ୱରୂପ ଏକ ମହତ ଆକାଂକ୍ଷା ନେଇ, ସ୍ଥାୟୀ ଭାବେ ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ ଅଧ୍ୟାପନା ବୃତ୍ତିରୁ ମୁହଁ ଫେରାଇ, ୧୯୯୨ ମସିହାରେ ମାତ୍ର ପାଞ୍ଚହଜାର ଟଙ୍କା ସମ୍ବଳରେ ଆରମ୍ଭ କରିଥିଲେ ଏକ କ୍ଷୁଦ୍ର ବୈଷୟିକ ଅନୁଷ୍ଠାନ । ଅନୁଷ୍ଠାନ ଗଢିବା ଓ ପ୍ରାରମ୍ଭିକ



ପର୍ଯ୍ୟାୟରେ ଏହାକୁ ଚଳାଇବାରେ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡିଥିଲା । ପରେ ପରେ ଏକ ଉଡାଘରେ ଆରମ୍ଭ ହୋଇଥିବା ଏହି କ୍ଷୁଦ୍ର ଅନୁଷ୍ଠାନଟି ଆଜି ବିଶ୍ୱରେ ଏକ ସମ୍ମାନଜନକ ବେସରକାରୀ ବିଶ୍ୱବିଦ୍ୟାଳୟ ମାନ୍ୟତା ସଙ୍ଗେ (ଇନଷ୍ଟିଚ୍ୟୁଟ ଅଫ ଏମିନାନ୍ସ) ପାଇ ଗର୍ବ ଅନୁଭବ କରୁଛି, ଏହି ଦିଗଦର୍ଶକଙ୍କ ସକଳ ପ୍ରଚେଷ୍ଟା ପାଇଁ । ସଦ୍ୟ ସୂଚନାନୁଯାୟୀ ବିଗତ ବର୍ଷରେ ଉକ୍ତ ବିଶ୍ୱବିଦ୍ୟାଳୟ ଗୌରବରେ ଅନେକ ସୁନେଲି ଫର୍ଦ୍ଦ ଯୋଡି ଯୋଡି ହୋଇଥିଲେ ମଧ୍ୟ ବର୍ତ୍ତମାନ ଦେଶର ୧୪ ତମ ବିଶ୍ୱବିଦ୍ୟାଳୟ ତାଲିକାରେ ସ୍ଥାନିତ ହୋଇଛି । ଅନୁଷ୍ଠାନ ଆରମ୍ଭ କରିବା ସମୟ ମଧ୍ୟରେ ପରିଚିତ ହୁଅନ୍ତି ଓଡ଼ିଶାର ଜଣେ ମହାନ ବିପ୍ଳବୀ ନେତା ତଥା ପ୍ରଖ୍ୟାତ ସାମ୍ବାଦିକଙ୍କ ସହିତ । କଥାରେ ଅଛି, ଗୁଣ ଚିହ୍ନେ ଗୁଣିଆ ସୁନା ଚିହ୍ନେ ବଣିଆ। ସେ ସହଜରେ ଠଉରେଇ ଥିଲେ ଏହି ବ୍ୟକ୍ତି ଜଣକୁ । ତାଙ୍କର ଦିଗ୍‌ଦର୍ଶନରେ ଅନୁପ୍ରାଣିତ ହୋଇ, ଶିକ୍ଷା ମାଧ୍ୟମରେ, ସମାଜର ଦଳିତ, ନିଷ୍ପେସିତ ତଥା ଅବହେଳିତ ବର୍ଗର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ତାଙ୍କ ମୁହଁରେ ହସ ଫୁଟାଇବା ଭଳି ଏକ ନୂତନ ସଂକଳ୍ପକୁ ଜୀବନର ଏକ ମୁଖ୍ୟ ବ୍ରତ ରୂପେ ଆପଣାଇନେଲେ । ଫଳ ସ୍ୱରୂପ ୧୯୯୩ ମସିହାରେ ଶହେ ପଚିଶଟି ଅନାଥ ଆଦିବାସୀ ପିଲାଙ୍କୁ ନେଇ ଉଡାଘରେ ଆରମ୍ଭ କଲେ ଅନ୍ୟ ଏକ ଜନଜାତି ବିଦ୍ୟାଳୟ । ଏହା ଏବେ ବିଶ୍ୱର ଏକ ଅନନ୍ୟ ଆବାସିକ ଅନୁଷ୍ଠାନ ତଥା ଦ୍ୱିତୀୟ ଶାନ୍ତିନିକେତନ, ଯେଉଁଥିରେ ଅଧୁନା ତିରିଶ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ବିନା ଶୁଳ୍କରେ କେଜିରୁ ପିଜି, ତତ୍ ସହିତ ଗବେଷଣା ଶିକ୍ଷାରେ ସାମିଲ ହୋଇପାରୁଛନ୍ତି । ଏହି ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଇଥିବା ଅନେକ ଛାତ୍ରଛାତ୍ରୀ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ଅଧ୍ୟାପିକା ହୋଇ ଦେଶର ବଡ ବଡ କଂପାନୀ ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାକିରି କରି ସ୍ୱାବଲମ୍ବୀ ହେବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଲାଣି। ଜଣେ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଗଢି ଉଠିଛି ଦୁଇ ହାତରେ ଦୁଇଟି ବିଶ୍ୱବିଦ୍ୟାଳୟ ତା ପୁଣି ଭୁବନେଶ୍ୱର ଉପକଣ୍ଠ ଏବଂ ଓଡ଼ିଶା ଭଳି ଦରିଦ୍ର ରାଜ୍ୟରେ । ଶିକ୍ଷା ମାଧ୍ୟମରେ, ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚେଇବା କମ ବଡ଼ ଗୌରବର କଥା ନୁହେଁ । ଯେଉଁ ମାଟିରେ ଦିନ ଦିପହରେ ବାଘ, ଭାଲୁ ଆତ ଯାତ ହେଉଥିଲେ, ସେଠାରେ ଦୁଇ ଦୁଇଟି ବିଶ୍ୱବିଦ୍ୟାଳୟ, ମାତ୍ର କୋଡିଏରୁ ତିରିଶ ବର୍ଷ ଭିତରେ ସମ୍ଭବ ହୋଇପାରିଛି । ଏହା ଶିକ୍ଷା ପ୍ରସାର ସହିତ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ କେତେ ଯେ ସହାୟକ ତାହା କହିବା ଅନାବଶ୍ୟକ । ଅନ୍ୟ ପକ୍ଷରେ, ଜନଜାତି ପିଲାଙ୍କ ଶିକ୍ଷା ପ୍ରତି ଆଗ୍ରହ ଯୋଗୁ ଆମ ରାଜ୍ୟ ସୀମାନ୍ତରେ ମାଓବାଦୀ ଓ ନକ୍ସଲ ଦମନରେ ବିଶେଷ ସହାୟକ ହେଉଛି। ଏହା କଣ ଆମ ରାଜ୍ୟ ପାଇଁ ଏକ ଆସ୍ୱସ୍ତିକର ଖବର ନୁହେଁ କି ? ଜଣେ ଦକ୍ଷ ଶିକ୍ଷାବିତ ଭାବରେ ପ୍ରତିଷ୍ଠିତ ହେବା ସହିତ ଜଣେ ଦକ୍ଷ ରାଜନେତା ହେବାରେ ସୌଭାଗ୍ୟ ଅର୍ଜନ କରି ଅବହେଳିତ ଆଦିବାସୀ ସଂସଦୀୟ କ୍ଷେତ୍ରରେ ଅନେକ ସମସ୍ୟା (ମେଡିକାଲ କଲେଜର ଭିତ୍ତି ପ୍ରସ୍ତର ସାଙ୍ଗକୁ ପର୍ଯ୍ୟଟନ ଶିଳ୍ପ ସହିତ ରେଳ ପ୍ରକଳ୍ପ ଅନୁମୋଦନ, କେନ୍ଦୁ ପତ୍ର ଶ୍ରମିକଙ୍କ ନାର୍ଯ୍ୟ ଦାବି ଇତ୍ୟାଦି) ଉଭୟ ରାଜ୍ୟ ସଭା ଓ ଲୋକସଭାରେ ଏକ "ଶାଣିତ ସ୍ୱର" ପାଇଁ ଲୋକ ସଭାରେ ଅଧିକ ଚର୍ଚ୍ଚିତ ହୋଇଥିଲା । ବିଗତ କରୋନା ମହାମାରୀ ତାଙ୍କୁ ଅପୁର୍ବ ସୁଯୋଗ ଦେଇଛି ତାଙ୍କର ଦୟା ଧର୍ମର ପରିଧିକୁ ବ୍ୟାପକ କରିବାକୁ । ଫଳ ସ୍ୱରୂପ ସେ ସମସ୍ତ ଦୁଃଖୀ ରଙ୍କିଙ୍କ ଆଡକୁ ସହୃଦୟର ହାତ ବଢାଇଛନ୍ତି ଏଇ ଦୁର୍ଦ୍ଦିନରେ । କେତେବେଳେ ପଶୁ, ପକ୍ଷୀ, ଗୋରୁ ଗାଈଙ୍କୁ ଫଳ ବା ରନ୍ଧା ଖାଦ୍ୟ ଦେଉଥିବାବେଳେ, ପୁଣି ହାତ ବଢାନ୍ତି ସମସ୍ତଙ୍କ ଆଡୁଆଳରେ ଥିବା ମଠ ମନ୍ଦିରରେ ଅବସ୍ଥାନ କରୁଥିବା ସାଧୁ ସନ୍ଥଙ୍କ ଅଭାବ ମେଣ୍ଟେଇବାରେ । ପୁନଶ୍ଚ ସାହାଯ୍ୟର ହାତ ଲମ୍ବିଯାଏ ସହିଦଙ୍କ ପରିବାର ସମେତ ଅନ୍ୟାନ୍ୟ ଅଭାବି ପରିବାର ପିଲାଙ୍କ ମାଗଣା ପଢିବାର ଥଇଥାନ ବ୍ୟବସ୍ଥାକୁ ନେଇ । ଗଣମାଧ୍ୟମ ଓ ଖବରକାଗଜରେ ପ୍ରକାଶ ପାଉଥିବା ବିଭିନ୍ନ ବର୍ଗର ଲୋକଙ୍କ ଅସୁବିଧାରେ ସହଯୋଗର ହାତ ବଢାନ୍ତି ବିନା ଦ୍ୱିଧାରେ ଓ ବିଭିନ୍ନ ପରୀକ୍ଷାରେ ପାରଦର୍ଶିତା ଅର୍ଜନ କରିଥିବା ଅନେକ ପିଲାଙ୍କୁ ଡାକି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ମନ ବଳ ବଢ଼ାନ୍ତି ଆଗକୁ ଯିବା ପାଇଁ। ନିଜ କର୍ମ ସଂସ୍ଥାନରେ ଅସମୟରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାର ଜଣଙ୍କୁ ଚାକିରି ଦେବା ସହ ପିଲାମାନଙ୍କ ପାଠପଢ଼ା ଦାୟିତ୍ୱ ହାତକୁ ନେବା ଇତ୍ୟାଦି ତାଙ୍କର ଏକ ଅଭ୍ୟାସଗତ ପ୍ରବୃତ୍ତି ପାଇଁ ସେ ସମ୍ଭ୍ରାନ୍ତ ବଂଶରେ ଜନ୍ମ ନହୋଇ ମଧ୍ୟ ପାଲଟିଛନ୍ତି ଅନେକ ଦୁଃଖି ରଙ୍କିଙ୍କ ସାମନ୍ତ । ତାଙ୍କର କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା, କର୍ମଠ ଓ ଖେଳପ୍ରୀତି ଯୋଗୁ ସେ ଭାରତୀୟ ଭଲିବଲ ସଂଘର ସଭାପତି ରୂପେ ମନୋନୀତ ହେବା ସହିତ ସାମାଜ ସେବା ପାଇଁ ଦେଶ ବିଦେଶର ବିଭିନ୍ନ ନାମି ଦାମୀ ବିଶ୍ୱବିଦ୍ୟାଳୟରୁ ଅଦ୍ୟାବତ୍ ୬୫ଟି ଡକ୍ଟରେଟ ଉପାଧି ପାଇବା ଆମ ଓଡ଼ିଆ ଜାତି ପାଇଁ ଏକ ଗୌରବର ବିଷୟ । ସମସ୍ତ ସୃଜନଶୀଳ ପାଠକ ଓ ପାଠିକା, ଏବେ ଉକ୍ତ ବ୍ୟକ୍ତି ବିଶେଷଙ୍କୁ ବୁଝିବା ବା ଠଉରେଇବାରେ ବୋଧ ହୁଏ ଦୃଢ ନିଶ୍ଚିନ୍ତ ହୋଇସାରିଥିବେ । କଥାରେ ଅଛି 'ସମଝଦାର କୋ ଇଶାରା କାଫି ହେ' । ଜଣେ ବ୍ୟକ୍ତିଙ୍କ ସକଳ ପ୍ରଚେଷ୍ଟା ଦ୍ୱାରା ଏତେ ସବୁ ସମ୍ଭବ ହେବା ଓ ଏହାକୁ ଦେଶ ବାହାରେ ଅନେକ ପ୍ରଶଂସା କରୁଥିବାବେଳେ, ଆମ ରାଜ୍ୟର ଅନେକ ଲୋକଙ୍କ ଈର୍ଷାର ଶିକାର ହେବା ବଡ ବିଡ଼ମ୍ବନାର ବିଷୟ ଯାହା ଅନେକ ବୁଦ୍ଧିଜୀବୀ ଓ ପ୍ରଶଂସକଙ୍କୁ ବିସ୍ମିତ କରୁଛି । ଏ କଥା କହିବାର ତାତ୍ପର୍ଯ୍ୟ ଯେ, ପ୍ରତ୍ୟେକ ବିଷୟକୁ ସକାରାତ୍ମକ ଢଙ୍ଗରେ ବିଚାର କଲେ ଫଳପ୍ରଦ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସେବା ମନୋବୃତିର ସଂକଳ୍ପ ଆଧାରରେ, ଅନେକଙ୍କ ଅଧୁରା ସ୍ୱପ୍ନକୁ ସାକାର କରୁଥିବା ଏହି ବ୍ୟକ୍ତି ଜଣକ ନିଜ ଆତ୍ମ ଚେଷ୍ଟା ତଥା ଈଶ୍ୱରଙ୍କ ଆଶୀର୍ବାଦ ବଳରେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢି ଚାଲିଛନ୍ତି । ଏହି ସଫଳତାର ଚାବି କାଠି ହେଉଛି ନିଜର ଆତ୍ମବିଶ୍ୱାସ ସହିତ ଦୁରଦୃଷ୍ଟି ସମ୍ପର୍ଣ୍ଣ ଚିନ୍ତାଧାରା। ଏହା କଷ୍ଟ ସାଧ୍ୟ ହେଲେ ମଧ୍ୟ ଯେ କେହି ଏହାକୁ ଉପଯୋଗ କଲେ ବା ଆପଣାଇଲେ ସମାଜରେ ଅନେକ ଅସୁବିଧାର ଯେ ଅନ୍ତ ଘଟିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ତାଙ୍କ ଭାଷାରେ "ବଡ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବା ଭଲ"।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଅଦିନ ମଳୟ

*ଶରତ ଦାଶ*



କେତେ ଦିନ ଆଉ କରିବି ପ୍ରତୀକ୍ଷା
ପରୀକ୍ଷା ସରିବ କେବେ
ତୁମେ ଆସି ଉଭା ହେବ ସମ୍ମୁଖରେ
ଦେଖିବି ତଲ୍ଲୀନ ଭାବେ ॥
ନାହିଁ ମୁହୂର୍ତ୍ତେ ଯେବେ ତୁମ ରୂପ
ନ ଆସେ ଏ ନୟନରେ
ନାହିଁ ସେ ସମୟ ଯେବେ ତୁମ ଗୁଣ
ଗୁଣେନାହିଁ ମାନସରେ ॥
ଦିନୁ ଦିନ ବଢେ ସୁନ୍ଦରତା ତୁମ
ଭାବନା ପରିଧି ଛୁଇଁ
ମନ୍ତ୍ରମୁଗ୍‌ଧ ହୁଏ ମନ ପ୍ରାଣ ହୃଦ
ନଦୀ ପରି ଯାଏ ବହି ॥
ଦିନ ବିତେ ରାତି ଆସେ ଯାଏ ଆସେ
ଦିନ ପରେ ଦିନ ବିତେ
ତୁମ ଅନୁଭବ ଭାବରେ ପ୍ରକଟି
ଅଭାବରେ ତଳେ ଲୋଟେ ॥
ଜୀବନରେ ଅଛି ଯେତେ ମାଦକତା
ସବୁଠୁ ପୀରତି ବଡ଼
ଯେତେ ଅଛି ମାୟା ସବୁଠୁ ସରସ
ଉନ୍ମତ୍ତ ପ୍ରଣୟଝଡ ॥
ତୁମେ ମାୟାଧର ମାୟାର ସଂସାର
ତୁମ ଦ୍ୱାରା ଦୃଶ୍ୟମାନ
ତୁମେ ବର୍ତ୍ତମାନ ତୁମେ ଭବିଷ୍ୟତ
ତୁମେ ସତ୍ୟ ଚିରନ୍ତନ ॥
ଥାଅ ସଦା ଭାବେ ଭବ୍ୟ ଅନୁଭବେ
ଜୀବନରେ ମରଣରେ
ପ୍ରେମେ ପ୍ରସ୍ଫୁଟିତ ନାନା ଜାତି ଫୁଲ
ଭରିଯାଉ ଅଙ୍ଗନରେ ॥
ଶୀତଳ ପବନ ଭରୁ ତନୁମନ
ସ୍ୱର୍ଗୀୟ ଆନନ୍ଦ ଦେଇ
ଜୀବନଧାରାରେ ଥାଅ ତୁମେ ସଦା
ଅଦିନ ମଳୟ ହୋଇ ॥

*ଭୁବନେଶ୍ୱର*

## ଶ୍ରୀ'-ଏକ ନୂଆ ଠିକଣା

*କବିତା ମହାନ୍ତି*



ଶ୍ରୀକ୍ଷେତ୍ରରେ ପାଦ ରଖିବା ଯେତିକି ଚମତ୍କାର
ସାଆନ୍ତଙ୍କ ଦର୍ଶନ ପାଇବା ସେତିକି ଚମତ୍କାର
ଶ୍ରୀମନ୍ଦିରରେ ଫୁଲ ଗୁନ୍ଥିବା ଯେତିକି ଚମତ୍କାର
ପ୍ରାର୍ଥନା ଚ୍ୟାନେଲରେ ଶ୍ରୀଜଗନ୍ନାଥ ଅନୁଭୂତି
କହିବା ସେତିକି ଚମତ୍କାର

ମହାପ୍ରଭୁଙ୍କ ଅଲୌକିକ ଅନୁଭବକୁ
କାଗଜ କଲମରେ ଲେଖିବା ଯେତିକି ଚମତ୍କାର
'ଚାଲ ସଖି ଆମ୍ଭେ ଦର୍ଶନ କରିବା' ବହିର ରୂପରେଖ
ଦେବା ସେତିକି ଚମତ୍କାର

ଦୁଇ ଦଶନ୍ଧି ଧରି ପୁରୀରେ
ଜାଗା ଖଣ୍ଡେ ପଡ଼ି ରହିବା ଯେତିକି ଚମତ୍କାର
ପାଚେରୀ ତିଆରିବାକୁ ଯାଇ
ଘର ଖଣ୍ଡେ ହୋଇଯିବା ସେତିକି ଚମତ୍କାର

ରତ୍ନ ଭଣ୍ଡାର ମରାମତି ବେଳେ ଶ୍ରୀମନ୍ଦିର ଭିତରେ
ମହାପ୍ରଭୁଙ୍କୁ ନିମନ୍ତ୍ରଣ ଦେବା ଯେତିକି ଚମତ୍କାର
ଗୃହ ପୂଜା ସମୟରେ ମହାପ୍ରଭୁଙ୍କ ଅଙ୍ଗଲାଗୀ
ଫୁଲ ମାଳ ମହାପ୍ରଭୁଙ୍କ ସେବକଙ୍କ ହାତରେ
'ଶ୍ରୀ' ରେ ପହଞ୍ଚିବା ସେତିକି ଚମତ୍କାର

କିଛି ନୂଆ ସମ୍ପର୍କର ଡୋରି ବାନ୍ଧିବା ଯେତିକି ଚମତ୍କାର
'ଶ୍ରୀ'ରେ ମହାପ୍ରସାଦର ଆନନ୍ଦ ଅନୁଭବିବା ସେତିକି
ଚମତ୍କାର
ଏବେ ଆଉ ଆଖିକୁ କିଛି ଦିଶେ ନାହିଁ
କେବେ ପଦ୍ମ ବେଶ ତ କେବେ ମୁରୁକି ମୁରୁକି ହସ
କେବେ ସୁନା ବେଶ ତ କେବେ ବଡ଼ସିଂହାର ବେଶ
ଆଉ ମହାପ୍ରଭୁଙ୍କ ଆଶୀର୍ବାଦର ଧାରା
ଶ୍ରୀ....ଶ୍ରୀ....ଶ୍ରୀ ଏକ ନୂଆ ଠିକଣା ।

*ବୋମିଖାଲ, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

## ପରଜାପତି

*ଲକ୍ଷ୍ମୀପ୍ରିୟା ପୃଷ୍ଟି*

ପ୍ରେମ କି ପଉଷ ବୁଝେ ନାହିଁ, ମୁଁ ପ୍ରଭାତର ମିଠା ଗୀତ
ପରଜାପତି ମୁଁ ବର୍ଣ୍ଣ ବିଭୋର, କୁସୁମ ମୋ ମହା ମିତ
ପୂରୁବ ଆକାଶୁଁ ସୂରୁଜ ଦେବତା ଆଖି ଖୋଲି ଯେବେ ହସେ
ପତିତ ଜନମ ସାର୍ଥକ ଲଭେ ମୋ ଖୁସିର ଅମୃତ ବାଣ୍ଟେ ।
ବୁଝେନାହିଁ କାହା ଜାତି, ଧର୍ମ ଅବା ବର୍ଣ୍ଣର ପରିଚୟ
ବଡେଇ କରେନି ଅଳୀକ ସଂସାରେ କ୍ଷୁଦ୍ର ମୁଁ ଅତିଶୟ
ଫୁଲରୁ ଫୁଲକୁ ଉଡ଼ି ବୁଲୁଥାଏ ଖୁସିରେ ପତେଇ ଛାତି
ଫଗୁଣ ଆଙ୍କେ ତା ଅଦେଖା ସ୍ୱାକ୍ଷର କଅଁଳ ଡେଣା ମୋ ଦେଖି ।
ବୁଝେନାହିଁ ମୋର ଜନ୍ମ ଇତିହାସ ଅଶୁଭ ବେଳାର ଦିନ
ବକ୍ଷରେ ଥାପିଛି ସୋହାଗ ପଣ ମୁଁ ନିଜ ଗୁଣେ ଗରୀୟାନ
ବିତେଇ ଦେଇଛି ଆନ ଖୁସି ପାଇଁ ଏ ଟିକି ପରାଣ ମୋର
ବୈଶାଖୀ ଝାଞ୍ଜି ବି ସୁଖ ମଣୁଥାଏ ଛୁଇଁ ଟିକି ଡେଣା ମୋର ।
କିଏସେ ଜାଣିଛି ଆଗାମୀ ସକାଳ କେମିତି କଟିବ କାର
କୁନି ଡେଣା ମୋର ସୁଖ ବାଣ୍ଟୁଥାଏ ଭାବେନି କାହାକୁ ପର ।

*ଅଧ୍ୟାପିକା, ଓଡ଼ିଆ ବିଭାଗ*
*ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଯାଜପୁର*

## ତୁମ ପ୍ରତୀକ୍ଷାରେ

*ରମାକାନ୍ତ ଦାସ*

ତୁମ ପ୍ରତୀକ୍ଷାରେ ଯନ୍ତ୍ରଣା ଯୁଇରେ
ହୃଦୟ ମୋର ଜଳେ
ସ୍ୱପ୍ନରେ ବଞ୍ଚିଛି ବାସ୍ତବକୁ ଭୁଲି
ଛାପି ଛାପିକା ଜହ୍ନ ଆଲୁଅରେ ।।

ସକାଳରୁ ସଞ୍ଜ ଦିନପରେ ରାତି
ବଢେ ପ୍ରତୀକ୍ଷାର ତାତି
ରାତି ପାହିଯାଏ ତାରା ଲିଭିଯାଏ
ମନେପଡ଼େ ତୁମ ସ୍ମୃତି ।।

ପ୍ରେମ ଏବେ ପ୍ରତାରଣା ଘରେ ବନ୍ଦୀ
ବିରହ ଦିଏ ନିଦାଘ କଷଣ
ମନ ମରୁଭୂଇଁ ଶୃଙ୍ଖଳା ପଡ଼ିଛି
ତୁମ ଫେରିଲେ ଫେରିବ ଫଗୁଣ ।।

ହୃଦୟେ ସାଇତା ତୁମ ମଧୁ ସ୍ମୃତି
ଶୂନ୍ୟଲାଗେ ମୋର ଛାତି
ତୁମ ବିରହରୁ ନାହିଁ ମୋର ମୁକ୍ତି
ତୁମ ପ୍ରତୀକ୍ଷାର ନାହିଁ ଇତି ।।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*



## ମୁଁ କଙ୍କଡ଼ାଟିଏ

*ଦ୍ୱୀପକ କୁମାର ନାଏକ*

ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ମୋ ଆଗକୁ ଯିଏ ଯିବାକୁ ଚାହିଁଲେ
ତା ଗୋଡ଼ ଟାଣି ମୁଁ ତଳେ ପକାଏ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ପାପ କରିବାରେ ହେଳା କରେନାହିଁ
ପୁଣ୍ୟ ଆଶାରେ ମୁଁ ଡଙ୍ଗା ଭସାଏ
ମୁଁ ବା ମଣିଷ ରୂପରେ କଙ୍କଡାଟିଏ
ବାପା ମାଆଙ୍କୁ ମୁଠେ ଦାନା ଦିଏନାହିଁ
ଋରିଆଡେ ଦାନୀ ନିଜକୁ କହେ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ପର ନିନ୍ଦା ପର ଚର୍ଚ୍ଚା କରିବାରେ
ପଛଘୁଞ୍ଚା ଜମା ଦେଇନଥାଏ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ସମାଜକୁ ଆଗକୁ ବିକାଶ ପଥରେ
ନେବା ଲୋକର ମୁଁ ଗୋଡ ଟଣାଏ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ବରଷ ସାରା ମୁଁ ଅଧର୍ମ କରିକି
କାର୍ତ୍ତିକରେ ବ୍ରତ କରି ମୁଁ ଥାଏ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ଗାଁ ମୁଖିଆର ପଦବୀ ଆଦରି
ନିଜ ସ୍ୱାର୍ଥ ପାଇଁ ଗାଁ ଭଙ୍ଗାଏ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ନିଜ ଘରେ ଅଛି ହଜାରେ ଅଳିଆ
ଅନ୍ୟକୁ କହେ ମୁଁ ଅଳିଆଟାଏ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ
ସବୁରି ପାପର ଭାଗୀଦାରୀ ହୋଇ
ନିଜକୁ ଧାର୍ମିକ ବୋଲି ମୁଁ କହେ
ମୁଁ ବା ମଣିଷ ରୂପରେ କଙ୍କଡ଼ାଟିଏ

*ଯୁବ ସାମ୍ବାଦିକ*
*ଗଣ୍ଡାନାଳୀ, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୦୨୧*
*ମୋ-୮୬୩୭୨୬୧୮୨୮*

## ଗୋଟେ ଝୁରି ହେବାର ପଣ

*ରଶ୍ମିତା ସେଠୀ*



ଦୁଃଖକୁ ନିଜର କରି ପାରିଲିନି ବୋଲି
ବାରବାର ଝୁଣ୍ଟିଚି ଜୀବନର ଚଲା ବାଟରେ
ସୁଖ ପରି ଦୁଃଖକୁ ଆପଣେଇ ନେବାର କଳା
ବହୁ ଆଗରୁ ଶିଖିବାର ଥିଲା ।

ଖୁବ୍ ଶକ୍ତ କରିବାର ଥିଲା ମନ ଆଉ ପାଦ ଦୁଇଟିକୁ
ସମୟ ବଦଳିଲେ ବଦଳେ ଋତୁ
ବାସ୍ତବତା ଠାରୁ ସ୍ୱପ୍ନର ଦୂରତା ଖୁବ୍ ବେଶି
ବର୍ତ୍ତମାନର ବାସ୍ତବତା ହିଁ ଜୀବନର ଚଲାପଥ ।

ବାସ୍ତବତାକୁ ଗ୍ରହଣ କରିବାକୁ ହେବ
ଅତୀତକୁ ଝୁରିହେଲେ ହସ ନୁହଁ ଝରେ ଖାଲି ଲୁହ
ସମୟ ସହିତ ନିଜକୁ ବଦଳେଇବାକୁ ହେବ
ଗୋଟେ ଝୁରି ହେବାର ପଣନେଇ କଣ ଜିଇଁ ହୁଏ ଜୀବନ ।

*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

## ତୁମ ପାଇଁ

*ସଞ୍ଜୟ ଖେମୁଣ୍ଡୁ*

ତୁମେ ପ୍ରେମର ସ୍ୱପ୍ନ କେବେ ଦେଖନା
ପାହାନ୍ତି ଉଷାର ପ୍ରେମଝରା ସ୍ୱପ୍ନ
କିନ୍ତୁ ତୁମକୁ ନିଇତି ଦେଖେ,
ତୁମେ କାହା ପାଇଁ ବସି ବିରହ କବିତା କେବେ ଲେଖନା
ତୁମ ପାଇଁ କିନ୍ତୁ କେହି ଜଣେ
ରାତି ଅଧେ ବସି ପ୍ରୀତି ପ୍ରଣୟର କବିତା ଲେଖେ

ତୁମେ ଭଅଁର ପରି କେବେ କଉ
ବାସ୍ନା ଭରା ଫୁଲ ପଛେ ପଡ଼ନା
ବସନ୍ତର ଫୁଲ କିନ୍ତୁ ତୁମ ପାଇଁ ଫୁଟେ,
ତୁମେ ବାମନ ହୋଇ ଆକାଶର ଜହ୍ନକୁ
କେବେ ହେଲେ ହାତ ବଢ଼ାଅନା
ଆକାଶର ଜହ୍ନ କିନ୍ତୁ ତୁମ ପାଇଁ ଏ ମାଟିରେ ଲୋଟେ।

ତୁମେ ତୁମ ଜୀବନକୁ ରଙ୍ଗିଲା କରିବାକୁ
କେବେ ହେଲେ ଚାହଁନା
ଇନ୍ଦ୍ରଧନୁର ସାତ ରଙ୍ଗ କିନ୍ତୁ ତୁମ ପାଇଁ ଝଲ୍ସେ,
ତୁମେ ମଦମତ୍ତ ହୋଇ କେବେ କଉ
ମରୀଚିକା ପଛରେ ଧାଅଁନା
ସୁନାର ହରିଣ କିନ୍ତୁ ବାଇ ହୋଇ ତୁମ ପାଖେ ଧାଇଁ ଆସେ।

ତୁମେ ତୃଷାର୍ତ୍ତ ପଥିକ ସାଜି ମୁମୂର୍ଷୁ ଚାତକ ପରି
ସୀମାହୀନ ଦୂର ବଉଦକୁ ଚାହିଁ ରୁହନା
ଅମାନିଆ ମେଘ କିନ୍ତୁ ତୁମ ଲାଗି ମଧୁ ଢାଳେ,
ନିଜର ମଙ୍ଗଳ ମନାସି କଉ ଦିନ ତୁମେ
ମନ୍ଦିର ବେଢାରେ ଦୀପଟିଏ କେବେ ଜାଳନା
ତୁମ ପାଇଁ କିନ୍ତୁ ମନ୍ଦିର ଚୂଡ଼ାରେ ମଙ୍ଗଳ ପ୍ରଦୀପ ଜଳେ।

*ଇଣ୍ଟିଗ୍ରେଟେଡ଼ ବିଇଡି ଏମିଇଡି ଛାତ୍ର*
*ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ*
*ବିଶ୍ୱବିଦ୍ୟାଳୟ, ବାରିପଦା*
*ମୋ -୭୮୫୪୦୧୦୫୧୯*

## ତୁମେ ନ ଆସିଲେ

*ଡ଼ ସୀତାକାନ୍ତ ତ୍ରିପାଠୀ*

ତୁମେ ନ ଆସିଲେ ମରୁବାଲିରେ କି ଝରଣାର ପାଣି ବୋହିବ।
ତୁମେ ନ ଆସିଲେ ନିରାଶା ମନରେ କି ଆଶାର ସଂଚାର ହୋଇବ।
ତୁମେ ନ ଆସିଲେ ଦୁଇ ଆଖିର ମୋ ଲୁହ କଣ କେବେ ଶୁଖିବ।
ତୁମେ ନ ଆସିଲେ ଶିଶୁର ଓଠରେ ଦରୋଟି ହସ କି ମିଳିବ।
ତୁମେ ନ ଆସିଲେ ପ୍ରଶ୍ନିଳ ଆଖିର ଉତ୍ତର କଣ କେବେ ମିଳିବ।
ତୁମେ ନ ଆସିଲେ ଅନ୍ଧାର ଇଲାକା ଆଲୋକ କେବେ କି ହୋଇବ।
ତୁମେ ନ ଆସିଲେ ବେସୁରା ଜୀବନେ ସାତସୁର କଣ ଶୁଭିବ।
ତୁମେ ନ ଆସିଲେ ଇନ୍ଦ୍ରଧନୁରେ ରଙ୍ଗ କିଏ କଣ ବୋଳିବ ।
ତୁମେ ନଆସିଲେ ସାଆଁବାଲୁଆଟି ପ୍ରଜାପତି କେବେ ହୋଇବ।
ତୁମେ ନ ଆସିଲେ ଶୂନ୍ୟ ମନରେ ପୂର୍ଣ୍ଣତା କେବେ ଆସିବ।

*ଅର୍ଣ୍ଣପାଳ, ଭଦ୍ରକ*
*ମୋ- ୯୭୭୮୭୬୪୩୯୪*




## ଭୁଲିତ ପାରୁନି

*ଦାଶରଥୀ ଶତପଥୀ*

ଭୁଲିତ ପାରୁନି
ଭୁଲି ପାରିବିନି
ସେହି ପିଲାଦିନ
ସେହି ସାଙ୍ଗସାଥିମେଳ
ସବୁ ଏବେ ମନେପଡୁଛି
ମନର ଆଇନାରେ
ତୁମେ ଦେଖାଦିଅ
ତୁମେ ସେହି ସ୍ମୃତି ଜହ୍ନ
ତୁମେ ମୋ ଆକାଶେ ନୀଳ କଇଁଟିଏ
ବୁଝି ଅବୁଝା ଏ ମନ
ତୁମେ ମୋ ପାଇଁ ପ୍ରେମର ସ୍ୱାକ୍ଷର
ତୁମ ପ୍ରେମ ଚିର ଅମର
ମଧୁର ଭିତରେ ମାଦକତା ଥାଏ
ଥାଏ କେବେ ରାଗରୁଷା
ସବୁ ଭୁଲିହୁଏ
ଭୁଲି ହୁଏନାହିଁ ତୁମ ମିଠାମିଠା କଥା
ପ୍ରେମର ପରଶ, ପ୍ରେମ ଆଲିଙ୍ଗନ
ସବୁ ସେହି ମଧୁରତା ।

*ପ୍ରାକ୍ତନ ଆୟୁକ୍ତ ଓ ସଚିବ*
*ଓଡ଼ିଶା ବିଧାନସଭା*
*ମୋ- ୯୪୩୮୦୮୧୭୧୩*



## ଉଷା କାଳ

*ସୁଧୀର କୁମାର ଦାସ*

ନିର୍ମଳ ଆକାଶ ଦିଶେ ମୁଗ୍ଧ ପରିବେଶ
ମଣ୍ଡିତା ଧରଣୀ ହସେ ନାହିଁ ଅବସୋସ ॥
ଶସ୍ୟଧରା କ୍ଷେତ ଅଛି ପରିପୂର୍ଣ୍ଣ ହୋଇ
ଦର୍ଶନରେ ପୁଲକିତ ଛାନ୍ଦକାବ୍ୟ ଗାଇ ?
ସବୁଜିମା ଦୃଶ୍ୟଶୋଭା ପାହାଡ଼ ବନାନୀ
ଦୃଶ୍ୟ ଦେଖି କବି ଭାବେ ଧରତି ଲେଖନୀ ॥
ନିଳୀମା ଆକଶ ତଳେ ନାନା ପକ୍ଷୀଗଣ
କି ମଧୁର କଳରବ ଚିତ୍ତ ଆକର୍ଷଣ ।।
ଉଷା କୋଳେ ନଈ କୂଳେ ରମଣୀଙ୍କ ସ୍ନାନ
ସମ୍ମିଳ ରଜନୀ ପାଇଁ ଉଲ୍ଲସିତ ମନ ?
ଲାବଣ୍ୟର ସବୁ ଶୋଭା ହୋଇଅଛି ଠୁଳ ?
ପାଚିଲା ଶସ୍ୟ କ୍ଷେତରେ ବଗର ରାଜୁତି
ମାଛ ଧରି ଉଡ଼ିଯାଏ ନଥାଏ ତା ଭୀତି
ଆଞ୍ଜୁଳାଏ ପାଣି ଧରି ସୂର୍ଯ୍ୟଙ୍କୁ ନୈବେଦ୍ୟ
ପାଣିରେ ପାଣିକୁ ଢାଳି ଭାବେ ସବୁ ସିଦ୍ଧ ।।
ମନ୍ଦିର କବାଟ ଖୋଲେ ବୈଷ୍ଣବ ଆସିଲେ
ଠାକୁର ଦର୍ଶନ ହୁଏ ନୀତି ସରିଲେ ।।
ମସଜିଦ୍‌ରେ ମୌଲବୀ ଶୁଦ୍ଧପୂତ ହୋଇ
ପାଞ୍ଚଥର ନମାଜର ଅର୍ଥ ଜାତି କହି ?
ପବିତ୍ର କୋରାନ ଦିଏ ଆଲ୍ଲାଙ୍କର ବାଣୀ
ମଧୁମୟ ଅନୁଭବ ଜୀବନ ସାରଣୀ ।।
ପୂର୍ବ ଦିଗେ ରକ୍ତ ବର୍ଷା ଉଦୟ ତପନ
ବସୁନ୍ଧରା ବକ୍ଷପରେ କରିବ ଦଂଶନ ।।
ସମୟଟି ଘୁରୁଥାଏ ଅପେକ୍ଷା କରେନି
ଜୀବନର ସବୁ ଆଶା ପୁରଣ ହୁଏନି ।
ଚଞ୍ଚଳ ଫୁଟି କମଳ ଜଳେ ଢଳ ଢଳ ।

*ତରାବୋଇ, ଜଟଣୀ, ଖୋର୍ଦ୍ଧା*
*ମୋ-୯୩୩୭୩୩୫୮୩୮*



## ଫେରାର୍



ସନ୍ତୋଷ ମିଶ୍ର

ରବିବାର ସକାଳୁ ସକାଳୁ ସଡୁ ଭାଇଙ୍କ ଫୋନ୍। ନିଦ ମଳ ମଳ ଆଖିରେ ଫୋନ୍ ଉଠାଇଲେ ସନ୍ଦୀପ। ହାଲୋ .. ଭାଇ ! ନମସ୍କାର । ସେପଟୁ ସଡୁଙ୍କ କଣ୍ଠ ସ୍ୱର। ନମସ୍କାର ! ଆରେ ନିଦ ଭାଙ୍ଗିନି କି... କଣ୍ଠ ସ୍ୱର ଏମିତି ନିଦୁଆ ନିଦୁଆ ଲାଗୁଚି ଯେ। ସନ୍ଦୀପର ଭାରୀ କଣ୍ଠ- ଏଇତ ଉଠିଲି.. ଆଜି ଛୁଟି ପରା !! ସଡୁ କହିଲେ- ସେଇଥି ପାଇଁ ତ ଫୋନ୍ କଲି। ଆଜି ଟିକେ ଆମ ଘର ଆଡେ ଆସନ୍ତନି। ବହୁତ ଜରୁରୀ କଥା ଅଛି। ସନ୍ଦୀପ- କହୁ ନାହାନ୍ତି କି କଥା। ସଡୁ- ସବୁ କଥା କଣ ଫୋନ୍‌ରେ କହି ହୁଏ। ତମେ ଆସିଲେ ଜାଣିବନି କି। ହଁ ଶୁଣ। ଆଜି ଲଞ୍ଚ୍ ଆମ ଘରେ। ଏବେ ବଜାର ଯାଉଚି ମଟନ୍ ପାଇଁ। ମୁଁ ତୁମକୁ ଅପେକ୍ଷା କରିଥିବି। ଡେରି କରିବନି।

ଲଞ୍ଚ୍ ପୂର୍ବରୁ ବାଇକ୍ ଧରି ସଡୁ ଘରେ ପହଞ୍ଚି ଗଲେ ସନ୍ଦୀପ। ଲଞ୍ଚ୍ ଆଇଟମ୍ ଦେଖି ହତଚକିତ ହୋଇପଡିଲେ। ସନ୍ଦୀପର ପ୍ରତିକ୍ରିୟା ଦେଖି ବୁଝାଇବା ଢଙ୍ଗରେ ସଡୁ କହିଲେ- କାହା ମୁହଁ ଚାହିଁ ଆଜି ସକାଳ ଆରମ୍ଭ ହୋଇଥିଲା କେଜାଣି, ମଟନ ଆଣିବାକୁ ଯାଇ ଦେଖିଲି କେବଳ ମାଇଛେଳିମାନଙ୍କର ପହ୍ନା କଟା ଯାଉଚି... ପିଚ୍ ପିଚ୍ ରକ୍ତମିଶା କ୍ଷୀର ବୋହି ଯାଉଚି। ସେ ବିଭତ୍ସ ଦୃଶ୍ୟ ଦେଖି ଆଉ ସହି ପାରିଲିନି। ସିଧା ଗଲି ପରିବା ମାର୍କେଟ୍। ମାଇଛେଳି ମାଂସ ଖାଇବା ଅପେକ୍ଷା ପରିବା ବରଂ ଭଲ। ଭାତ, ଡାଲି, କୁନ୍ଦୁରି ଭଜା ସ୍ୱାସ୍ଥ୍ୟ ପକ୍ଷେ ହିତକର।

ଲଞ୍ଚ୍ ପରେ କିଛି ସମୟ ବିଶ୍ରାମ ନେଇ ସଡୁଙ୍କୁ ପଚାରିଲେ ସନ୍ଦୀପ- ଭାଇ ! କାହିଁକି ଡାକିଲେ... କଣ ଜରୁରୀ କାମ ଥିଲା ଏବେ କୁହନ୍ତୁ। ସଡୁ ଗମ୍ଭୀର ହୋଇ କହିଲେ- ହଁ କଥାଟା ଏକାନ୍ତ ଗୋପନୀୟ। ମୋ ବଂଶର ମାନ, ମର୍ଯ୍ୟାଦା ସବୁ ଏଥି ସହିତ ଜଡିତ। ତମେ ତ ଜାଣ ବଡ଼ ଝିଅର ବାହାଘର ସରିଯାଇଛି। ସାନ ଝିଅଟି ବି.ଏ. ପାସ୍ କରି ଘରେ ଅଛି। ଯଥାଶୀଘ୍ର ତାର ବାହାଘର କରିବା ପାଇଁ ମୁଁ ବେଶ୍ ତତ୍ପର। ମାତ୍ର ଏ ଭିତରେ ସେ ଜଣେ ନୀଚ୍ଚଜାତି ଯୁବକ ପ୍ରେମରେ ପଡ଼ିଯାଇଛି। କଥାରେ ବାଧା ଦେଇ ସନ୍ଦୀପ କହିଲେ- ଭାଇ ! ଭଗବାନଙ୍କ ସୃଷ୍ଟିରେ ସମସ୍ତେ ସମାନ। ଉଚ୍ଚ, ନୀଚ୍ଚ, ଭେଦଭାବ ସବୁ ମନୁଷ୍ୟକୃତ। ସେ ପିଲାର ଶିକ୍ଷାଗତ ଯୋଗ୍ୟତା କଣ ଏବଂ ସେ କି ଚାକିରି କରୁଛି ସେ କଥା କୁହନ୍ତୁ । ସଡୁ କହିଲେ- ସେ ପିଲାର ନାମ ସୁଧୀର। ତୃତୀୟ ଶ୍ରେଣୀରେ ମାଟ୍ରିକ୍ ପାସ୍। ଗୋଟିଏ ଔଷଧ ଦୋକାନରେ ଚାକର ଥିଲା। ପାଞ୍ଚ ହଜାର ଟଙ୍କା ଚୋରି କରିବାରୁ ଦୋକାନ ମାଲିକ ତାକୁ ବାଡେଇ କାମରୁ ବାହାର କରିଦେଇଥିଲା। ମାଲିକ ପୋଲିସ ଡାକିବାକୁ ଯାଉଥିଲାବେଳେ ସୁଧୀର ତାଙ୍କ ଗୋଡ଼ ତଳେ ପଡିଯାଇ ସେଥିରୁ କ୍ଷାନ୍ତ ହେବାକୁ ଅନୁରୋଧ କଲା। ମାଲିକ କହିଲେ- ହଉ ସାତ ଦିନ ମଧ୍ୟରେ ଚୋରି କରିଥିବା ସମସ୍ତ ଟଙ୍କା ଫେରସ୍ତ ନକଲେ ବାଧ୍ୟ ହୋଇ ମୋତେ ପୋଲିସରେ ଖବର ଦେବାକୁ ପଡ଼ିବ। ସୁଧୀର ତତ୍ ସମ୍ପର୍କିତ ଲିଖିତ ସ୍ୱୀକାରୋକ୍ତି ଦାଖଲ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଚୋରି ଟଙ୍କା ଫେରସ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲା। ସନ୍ଦୀପ ପଚାରିଲେ- ସୁଧୀର ଟଙ୍କା ଠିକ୍ ସମୟରେ ଦେଲା କି ନାହିଁ। ସଡୁ କହିଲେ- ହଁ ଦେଲା। ସେଥିପାଇଁ ସାନଝିଅ ଲବଙ୍ଗ ଗହଣା ବନ୍ଧା ପକାଇ ତାକୁ ସାହାଯ୍ୟ କରିଥିଲା। ସନ୍ଦୀପ କହିଲେ- ଏଥିରୁ ଜଣା ପଡୁଚି ସେମାନଙ୍କ ପ୍ରେମର ଗଭୀରତା କେତେ। ହଉ ମୋତେ ତାହେଲେ କଣ କରିବାକୁ ହେବ କୁହନ୍ତୁ। ସଡୁ କହିଲେ- ମୁଁ ଜାଣିବାକୁ ପାଇଲି ସେହି ଟୋକା ସହିତ ଲବଙ୍ଗ ଘର ଛାଡ଼ି ପଳାଇବା ପାଇଁ ଯୋଜନା କରୁଛି। ସେମିତି କଲେ ଆମେ ଆଉ ମୁଣ୍ଡ ଟେକି ବାଟ ଚାଲି ପାରିବାଟି !! ସାହି ପଡିଶା, ବନ୍ଧୁ ବାନ୍ଧବ ସମସ୍ତେ ଛିଃ ଛାକର କରିବେ। ତେଣୁ ତମେ ତାକୁ ଟିକେ ବୁଝାଅ। ଆମ ମୁହଁରେ କାଳି ବୋଳି, ଘର ଛାଡ଼ି, ସେ ଟୋକା ସହିତ କୁଆଡେ ନଯାଉ। ଗମ୍ଭୀର ହୋଇ ସନ୍ଦୀପ କହିଲା- ସାଗର ଆଡ଼କୁ ବହି ଯାଉଥିବା ନଦୀର ଗତିରୋଧ କରିବା ଏତେ ସହଜ ନୁହେଁ। ତଥାପି ଆସିଚି ଯେତେବେଳେ ଚେଷ୍ଟା କରି ଦେଖିବା କଣ ହେଉଚି। ସଡୁ କହିଲେ- ଝିଅ ତା ବେଡରୁମ୍‌ରେ ଅଛି। ତାପରେ ତାଙ୍କ ଧର୍ମପତ୍ନୀଙ୍କୁ ଚାହିଁ କହିଲେ- ଯାଅ। ଝିଅକୁ କହିଦେବ ମଉସା କଥା ହେବେ।

ସନ୍ଦୀପ ଲବଙ୍ଗଙ୍କୁ କହିଲେ- ଆଉ କେମିତି କଣ ସବୁ ଚାଲିଛି। ଲବଙ୍ଗ କହିଲା- ସବୁ ଭଲ। ହେଲେ ମଉସା। ଆଜି ରବିବାରିଆ ମଟନ୍ ଛାଡ଼ି ଏଠି କେମିତି। ସନ୍ଦୀପ କହିଲା- ମଟନ୍ ତ ସବୁବେଳେ ଖିଆ ହେଉଚି। ଆଜି ଗୋଟେ ବୁଲିବାକୁ ମନ ହେଲା। ଚାଲି ଆସିଲି। ମାତ୍ର ଏଠାକୁ ଆସି ଗୋଟେ ଅଜବ କଥା ଶୁଣିଲି। ବିସ୍ଫାରିତ ଆଖିରେ ଲବଙ୍ଗ ପଚାରିଲା- କି ଅଜବ କଥା। ସନ୍ଦୀପ- ଶୁଣିଲି ମାଟ୍ରିକ୍ ପାସ୍ କରି ଔଷଧ ଦୋକାନରେ ଚାକର ଥିବା ଏବଂ ଚୋରି କରି ତଡ଼ା ଖାଇଥିବା ଜଣେ ନୀଚ୍ଚ ଜାତିର ଯୁବକ ସହିତ ତୋର ପ୍ରେମ ସମ୍ପର୍କ ରହିଛି। ସିଏ କୁଆଡେ କଳା, ମୋଟା ଆଉ ଗେଡା। ସେଭଳି ଗୋଟେ ଅଦ୍ଭୁତ ଜୀବକୁ ତୋ ଭଳି ଜଣେ ସୁନ୍ଦରୀ ଝିଅ କେମିତି ଭଲ ପାଇପାରିଲା, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଚି। ଆହୁରି ଆଶ୍ଚର୍ଯ୍ୟ ଲାଗୁଚି ସେ ଜନ୍ତୁ ସହିତ ତୁ କୁଆଡେ ଘର ଛାଡ଼ି ଚାଲିଯିବା ପାଇଁ ଯୋଜନା କରିଛୁ।

ଲବଙ୍ଗ ମୁହଁରେ ରହସ୍ୟମୟ ହସ। ମଉସା ! ଆପଣ କାହିଁକି ଆସିଛନ୍ତି ମୁଁ ଜାଣିସାରିଲିଣି। ଆପଣଙ୍କୁ ସମସ୍ତ ତଥ୍ୟ ଅବଗତ କରାଯାଇଛି। ଠିକ୍ ଅଛି। ଆପଣ ଜାଣନ୍ତି ବାପାମାଆ ବଡ଼ ଭଉଣୀକୁ ମଝି ନଦୀରେ ନିକ୍ଷେପ କରି ଘରେ ନିଶ୍ଚିନ୍ତରେ ବସି ରହିଛନ୍ତି। ତା ଆଖିରେ ଆଉ ଲୁହ ନାହିଁ। ଏବେ କାନ୍ଦିଲେ ତା ଆଖିରୁ ଲୁହ ଝରୁନାହିଁ। ସେ ତ ମଣିଷ ହୋଇ ରହିନାହିଁ। ପାଷାଣ ହୋଇସାରିଛି। ବିବାହ କରି ମୁଁ ବଡ଼ ଭଉଣୀ ଭଳି ଦୁଃଖରେ ରହିବାକୁ ଚାହୁଁନାହିଁ। ପରିସ୍ଥିତିରେ ପଡି ସୁଧୀର ଗୋଟେ ଦୋକାନରେ ଚାକର ଥିଲା, ଚୋରି ବି କରିଥିଲା। ମାତ୍ର ଏବେ ସେ କଳଙ୍କ ମୁକ୍ତ। ତା ଭିତରେ ମୁଁ ପ୍ରଚଣ୍ଡ ବ୍ୟବସାୟିକ ବୁଦ୍ଧିର ସନ୍ଧାନ ପାଇଛି। ସୁଯୋଗ ପାଇଲେ ସେ ବହୁତ ଉପରକୁ ଯିବ। ଆମ ଭିତରେ ଭଲ ବୁଝାମଣା ରହିଛି। ତାକୁ ବିବାହ କଲେ ମୁଁ ନିଶ୍ଚିତ ଭାବେ ସୁଖରେ ରହିବି। ସୁଧୀରର ବି ବିଶ୍ୱାସ ରହିଛି ଆମ ବିବାହ ପରେ ତା ଭାଗ୍ୟର ପରିବର୍ତ୍ତନ ଘଟିବ।

ସନ୍ଦୀପ କହିଲା- ଆରେ ତୋ ବାପାମାଆ ଚାହୁଁଛନ୍ତି ଜାତି ଭିତରେ ଜଣେ ଯୋଗ୍ୟ ବରପାତ୍ର ଦେଖି ଯଥାଶୀଘ୍ର ତୋର ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ। ଲବଙ୍ଗ କହିଲା- ସତେ କି। ବଡ଼ ଭଉଣୀକୁ ଜାତି ଭିତରେ କୋଉ ଯୋଗ୍ୟ ପାତ୍ରକୁ ଦେଇଛନ୍ତି ଆପଣ ଜାଣନ୍ତି। ବଡ଼କଥା ହେଉଚି ଖୁବ୍ ଶସ୍ତାରେ ସେମାନେ ଝିଅକୁ ବିଦା କରିବାରେ ସକ୍ଷମ ହୋଇଥିଲେ। ସେମିତି ବିବାହ କରିବା ଅପେକ୍ଷା ବରଂ ଆଜୀବନ କୁଆଁରୀ ରହିଯିବା ଭଲ। କିଛି ସମୟ ନୀରବ ରହି ପୁଣି ଲବଙ୍ଗ କହିଲା - ଆପଣ କଣ ଭାବୁଛନ୍ତି ବାପାମାଆ ମୋର ବାହାଘର କରି ପାରିବେ। ନା...କରି ପାରିବେନି। ସେଥିପାଇଁ ସେମାନଙ୍କର ଆର୍ଥିକ ସାମର୍ଥ୍ୟ ନାହିଁ। ସନ୍ଦୀପ କହିଲେ- ନାଇଁ ମ ତୁ ସେମିତି କାହିଁକି ଭାବୁଚୁ। ଲବଙ୍ଗ କହିଲା- ମୋ ବାପାମାଆଙ୍କୁ କୁହନ୍ତୁ ସେମାନେ ତାଙ୍କର ବ୍ୟାଙ୍କ ପାସ୍ ବହିରେ- ଅନ୍ତତଃ ଏକ ଲକ୍ଷ ଟଙ୍କା ଗଚ୍ଛିତ ଅଛି ବୋଲି ଦେଖାନ୍ତୁ... ମୁଁ କାହା ସହିତ କୁଆଡେ ଯିବିନି।

ସନ୍ଦୀପ ସଡୁ ଓ ତାଙ୍କ ସ୍ତ୍ରୀଙ୍କୁ କହିଲେ- ତମ ପାଖରେ ଲକ୍ଷେ ଟଙ୍କା ଅଛି ବୋଲି ଯଦି କାଗଜପତ୍ର ଦେଖାଇ ପାରିବ... ତାହେଲେ ଲବଙ୍ଗ କାହା ସହିତ କୁଆଡେ ଯିବନାହିଁ ବୋଲି କହୁଛି। ଦୁହେଁ ଯାକ ମୁହଁ ତଳକୁ କରି ନିରୁତ୍ତର ହୋଇ ବସି ରହିଲେ।

କିଛି ଦିନ ପରେ ସନ୍ଦୀପ ଖବର ପାଇଲେ ଯେ ଲବଙ୍ଗ ତାର ତଥାକଥିତ ପୁରୁଷ ବନ୍ଧୁ ସହିତ କୁଆଡେ ଫେରାର୍ ହୋଇ ଯାଇଛି !!!!

*ଉଦଳା, ମୟୂରଭଞ୍ଜ*
*ମୋ- ୭୦୦୮୨୩୭୬୫୦*

# ଦିଲ୍ଲୀକୁ ବଡ଼ ଝଟ୍କା : ଫେରିବେନି ମିଚେଲ ଷ୍ଟାର୍କ ଓ ଡୋନୋଭାନ ଫେରିରା



**ନୂଆଦିଲ୍ଲୀ**

ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ଯୋଗୁ ସ୍ଥଗିତ ରଖାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଶନିବାରଠାରୁ ପୁଣି ଖେଳାଯିବ। ହେଲେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟାଂଶ ଖେଳିବା ଲାଗି ଦିଲ୍ଲୀ କ୍ୟାପିଟାଲ୍ସର ମିଚେଲ ଷ୍ଟାର୍କ ଓ ଡୋନୋଭାନ ଫେରିରା ଭାରତ ନ ଆସିବା ଲାଗି ନିଷ୍ପତ୍ତି ନେଇଛନ୍ତି।

ତେବେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଏହାର ଶେଷ ଦୁଇ ମ୍ୟାଚ ଖେଳିବା ଲାଗି ଇଂଲଣ୍ଡ ଅଲରାଉଣ୍ଡର ୱିଲ ଜ୍ୟାକ୍ସ ଭାରତ ଫେରିବେ। ଅଷ୍ଟ୍ରେଲିଆ ପେସର ଷ୍ଟାର୍କ ଓ ଦକ୍ଷିଣ ଆଫ୍ରିକା ବ୍ୟାଟର ଫେରିରା ସେମାନଙ୍କ ନିଷ୍ପତ୍ତି ସମ୍ପର୍କରେ ଦିଲ୍ଲୀ କ୍ୟାପିଟାଲ୍ସର ମ୍ୟାନେଜମେଣ୍ଟକୁ ଜଣାଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ଅଭିଯାନରେ ଷ୍ଟାର୍କଙ୍କର ଏକ ବଡ଼ ଭୂମିକା ରହିଛି। ସେ ୨୬.୧୪ ଆଭରେଜରେ ୧୪ ଉଇକେଟ ନେଇ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ହୋଇପାରିଛନ୍ତି। ପ୍ଲେ-ଅଫ୍‌ରେ ପ୍ରବେଶ ପାଇଁ ଦିଲ୍ଲୀ ଆଶା କ୍ଷୀଣ ହୋଇ ପଡ଼ିଥିବା ବେଳେ ତାଙ୍କ ଅନୁପସ୍ଥିତି ଦଳକୁ ବଡ଼ ଝଟ୍କା ଲାଗିଛି।

ଫେରିରା ଚଳିତ ସିଜନରେ ମାତ୍ର ଗୋଟିଏ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ଦେଶ ଦକ୍ଷିଣ ଆଫ୍ରିକାର ଟ୍ରିଷ୍ଟାନ ଷ୍ଟବ୍ସ ଦିଲ୍ଲୀ କ୍ୟାପିଟାଲ୍ସର ଅବଶିଷ୍ଟ ୩ ମ୍ୟାଚ୍ ପାଇ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଯୋଗ ଦେଇଛନ୍ତି। ଷ୍ଟବ୍ସ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ଖେଳିବାକୁ ମନୋନୀତ ହୋଇଛନ୍ତି। ତେଣୁ ଦିଲ୍ଲୀ କ୍ୟାପିଟାଲ୍ସ ଯଦି ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରେ ଦଳ ପାଇଁ ଖେଳିବା ଲାଗି ସେ ଉପଲବ୍ଧ ହୋଇ ନ ପାରନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଉପଅଧିନାୟକ ଫାଫ୍ ଡୁପ୍ଲେସି ଉପଲବ୍ଧ ହେବେ କି ତା ସ୍ପଷ୍ଟ ହୋଇ ନାହିଁ। ପଞ୍ଜାବ କିଙ୍ଗ୍ସ ପାଇଁ ଦଳରେ ଯୋଗଦାନ କରିବା ଲାଗି ମାର୍କସ ଷ୍ଟୋଇନିସ୍ ଓ ଜୋଶ ଇଂଗ୍ଲିସ୍ ରାଜି ହୋଇଛନ୍ତି।

ମୁମ୍ବାଇ ଇଣ୍ଡିଆନ ବ୍ୟାଟର ଜ୍ୟାକ୍ସ ତାଙ୍କ ଦଳକୁ ଫେରିବେ ବୋଲି ସ୍ପଷ୍ଟ କରିଛନ୍ତି। ମୁମ୍ବାଇକୁ ତାଙ୍କର ଏକ ବିମାନ ଟିକେଟର ଏକ ଫଟୋ ସେ ଶୁକ୍ରବାର ଇନ୍‌ଷ୍ଟାଗ୍ରାମରେ ପୋଷ୍ଟିଂ କରିଛନ୍ତି। କିନ୍ତୁ ତାଙ୍କ ଦେଶର ଜୋସ୍ ବଟଲରଙ୍କ ଭଳି ସେ ମୁମ୍ବାଇ ଇଣ୍ଡିଆନ୍ସର ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଖେଳି ସ୍ୱଦେଶ ଫେରିଯିବେ। କାରଣ ଆଇପିଏଲ୍ ପ୍ଲେ-ଅଫ୍ ବେଳକୁ ମେ ୨୯ରୁ ଇଂଲଣ୍ଡର ୱେଷ୍ଟଇଣ୍ଡିଜ ବିପକ୍ଷ ହ୍ୱାଇଟ ବଲ୍ ସିରିଜ ଖେଳାଯିବାକୁଥିବାରୁ ଜାତୀୟ ଦଳ ପାଇଁ ଖେଳି ବା ଲାଗି ସେ ସ୍ୱଦେଶ ଫେରିଯିବେ।

# ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଉଦ୍‌ଘାଟନ ହେଲା ରୋହିତ ଶର୍ମା ଷ୍ଟାଣ୍ଡ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ଗତ ୧୮ ବର୍ଷ ଧରି ବିଶ୍ୱ କ୍ରିକେଟରେ ଭାରତର ପ୍ରତିଷ୍ଠା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କୁ ସମ୍ମାନ ଜଣାଇ ମୁମ୍ବାଇ କ୍ରିକେଟ ଆସୋସିଏସନ(ଏମ୍‌ସିଏ) ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମର ଏକ ଷ୍ଟାଣ୍ଡକୁ ହିଟମ୍ୟାନ୍‌ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛି। ଶୁକ୍ରବାର ଦିନ ୱାଙ୍ଖେଡେ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋହିତ ଶର୍ମା ଷ୍ଟାଣ୍ଡର ଉଦ୍‌ଘାଟନ କରାଯାଇଛି।

ଏମ୍‌ସିଏ କିଛି ଦିନ ପୂର୍ବରୁ ଘୋଷଣା କରିଥିଲା ଯେ ସେମାନେ ଟି-୨୦ ବିଶ୍ୱକପ ଏବଂ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କୁ ଏଭଳି ଭାବରେ ସମ୍ମାନିତ କରିବାକୁ ଚାହାନ୍ତି। ଏମ୍‌ସିଏ ଆଇପିଏଲ୍ ୨୦୨୫ ମ୍ୟାଚ୍ ସମୟରେ ଏହା କରିବାକୁ ଯୋଜନା କରିଥିଲା କିନ୍ତୁ ଟୁର୍ଣ୍ଣାମେଣ୍ଟକୁ ମଝିରେ ବନ୍ଦ କରିବାକୁ ପଡ଼ିବା କାରଣରୁ ଏହାକୁ ସ୍ଥଗିତ



ରଖାଯାଇଥିଲା। ଶେଷରେ ଗଡଇ ଏବେ ଏହାକୁ ଉଦ୍‌ଘାଟନ କରିଛି।

ଏହି ସମୟରେ, ରୋହିତଙ୍କ ପତ୍ନୀ ଏବଂ ପିତାମାତା ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ, ପୂର୍ବତନ ଏମ୍‌ସିଏ ଅଧ୍ୟକ୍ଷ ଶରଦ ପାୱାର, ବର୍ତ୍ତମାନର ଏମ୍‌ସିଏ ଅଧ୍ୟକ୍ଷ ଅଜିଙ୍କ୍ୟ ନାଏକ ଏବଂ ଅନେକ ଅଧିକାରୀ ତଥା ପ୍ରଶଂସକ ମଧ୍ୟ ଉପସ୍ଥିତ ଥିଲେ। ରୋହିତଙ୍କ ପିତାମାତା ଷ୍ଟାଣ୍ଡର ପରଦା ହଟାଇଥିଲେ।

ଏହି ଅବସରରେ ରୋହିତ ଭାବବିହ୍ୱଳ ହୋଇ କହିଛନ୍ତି, ଯେତେବେଳେ ମୁଁ ପୁଣି ଥରେ ଏହି ମଇଦାନରେ ଖେଳିବେ ସେତେବେଳେ ଏହା ମୋ' ପାଇଁ ଏକ ଭିନ୍ନ ଅନୁଭବ ହେବ। ମୁଁ ଦୁଇଟି ଫର୍ମାଟରୁ ଅବସର ନେଇସାରିଛି କିନ୍ତୁ ମୁଁ ଏବେ ବି ଗୋଟିଏ ଫର୍ମାଟ ଖେଳୁଛି। ତେଣୁ ଖେଳୁଥିବା ସମୟରେ ଏହି ପ୍ରକାରର ସମ୍ମାନ ପାଇବା ନିଜ ପାଇଁ ବହୁତ ସ୍ୱତନ୍ତ୍ର। ଏବେ ୨୧ ତାରିଖରେ, ଯେତେବେଳେ ମୁଁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବି ଷ୍ଟାଣ୍ଡରେ ମୋ' ନାମ ଦେଖିବା ବହୁତ ସ୍ୱତନ୍ତ୍ର ହେବ ବୋଲି ସେ କହିଛନ୍ତି। ୨୦୨୩ ମସିହାରେ, ଏହି ଷ୍ଟାଡିୟମରେ ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ତା'ପରେ ୨୦୨୪ ମସିହାରେ, ୨୦୧୧ ବିଶ୍ୱକପ ଫାଇନାଲରେ ଏମ ଏସ ଧୋନୀ ବିଜୟୀ ଛକା ମାରିବା ପରେ ବଲ ଯେଉଁଠାରେ ପଡ଼ିଥିଲା, ସେହି ଆସନକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଇଥିଲା।

# ଏସ୍ପାନିଓଲକୁ ପରାସ୍ତ କରି ବାର୍ସିଲୋନା ଜିତିଲା ୨୮ତମ ଲା ଲିଗା ଟାଇଟଲ

**ବାର୍ସିଲୋନା**

ସ୍ପେନର ଫୁଟବଲ ଜଗତରେ ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ବାର୍ସିଲୋନା ଏକ ରୋମାଞ୍ଚକର ମ୍ୟାଚ୍‌ରେ ଏସ୍ପାନିଓଲକୁ ପରାସ୍ତ କରି ୨୮ତମ ଲା ଲିଗା ଟାଇଟଲ ହାସଲ କରିଛି। ଏହି ବିଜୟ ସହିତ ବାର୍ସିଲୋନା ସ୍ପେନିସ ଫୁଟବଲରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ଼ କରିଛି, ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହର ଲହରୀ ସୃଷ୍ଟି କରିଛି।

ବାର୍ସିଲୋନାର ଘରୋଇ ମୈଦାନ କ୍ୟାମ୍ପ ନୌରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବାର୍ସିଲୋନା ପ୍ରଥମ ମିନିଟ୍‌ରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳର ଅଧିନାୟକ ଓ ଷ୍ଟାର ଖେଳାଳିଙ୍କ




ନେତୃତ୍ୱରେ ବାର୍ସିଲୋନା ପ୍ରଥମ ଅର୍ଦ୍ଧରେ ଏକ ଦୃଢ଼ ଆଧିପତ୍ୟ ବଜାୟ ରଖିଥିଲା। ମ୍ୟାଚର ୨୩ତମ ମିନିଟ୍‌ରେ ବାର୍ସିଲୋନାର ଏକ ଚମତ୍କାର ଟିମ୍‌ୱାର୍କର ଫଳସ୍ୱରୂପ ପ୍ରଥମ ଗୋଲ ଆସିଥିଲା, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଥିଲା।

ଏସ୍ପାନିଓଲ ମଧ୍ୟ ଜୋରଦାର ପ୍ରତିଆକ୍ରମଣ କରି କିଛି ସୁଯୋଗ ସୃଷ୍ଟି କରିଥିଲା, କିନ୍ତୁ ବାର୍ସିଲୋନାର ଡିଫେନ୍ସ ଏବଂ ଗୋଲକିପରଙ୍କ ଦକ୍ଷତା ସେମାନଙ୍କୁ ଗୋଲ ସ୍କୋର କରିବାରୁ ରୋକିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ସିଲୋନା ଆହୁରି ଆକ୍ରମଣ ଜାରି ରଖିଥିଲା। ୬୭ତମ ମିନିଟ୍‌ରେ ଏକ ଫ୍ରି-କିକ ମାଧ୍ୟମରେ ବାର୍ସିଲୋନା ଦ୍ୱିତୀୟ ଗୋଲ ସ୍କୋର କରି ମ୍ୟାଚରେ ୨-୦ରେ ଆଗୁଆ ରହିଥିଲା।

ମ୍ୟାଚ୍‌ର ଶେଷ ମିନିଟ୍‌ରେ ସ୍ପାନିଓଲ ଗୋଟିଏ ଗୋଲ ଫେରାଇବାକୁ ସଫଳ ହୋଇଥିଲା, ଯାହା ଖେଳକୁ ରୋମାଞ୍ଚକର କରି ଦେଇଥିଲା। କିନ୍ତୁ, ବାର୍ସିଲୋନାର ଡିଫେନ୍ସିଭ ରଣନୀତି ଏବଂ କୋଚ୍‌ଙ୍କ ସଠିକ ଖେଳାଳି ପରିବର୍ତ୍ତନ ଦଳକୁ ବିଜୟ ମାର୍ଗରେ ନେଇଯାଇଥିଲା। ଶେଷରେ, ୨-୧ ସ୍କୋର ସହିତ ବାର୍ସିଲୋନା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଜିତି ଲା ଲିଗା ଟାଇଟଲ ନିଜ ନାମରେ କରିଥିଲା।

# ବିରାଟ କୋହଲି ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ : ରବି ଶାସ୍ତ୍ରୀ

**ନୂଆଦିଲ୍ଲୀ**



ପୂର୍ବତନ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ପ୍ରକାଶ କରିଛନ୍ତି ଯେ ବିରାଟ କୋହଲି ତାଙ୍କ ଟେଷ୍ଟ ଅବସର ପୂର୍ବରୁ ତାଙ୍କ ସହ କଥା ହୋଇଥିଲେ। ଶାସ୍ତ୍ରୀ କହିଛନ୍ତି ଯେ ବିରାଟ କଥାବାର୍ତ୍ତାରେ କହିଥିଲେ ଯେ ତାଙ୍କର କ୍ୟାରିୟର ବିଷୟରେ କୌଣସି ଅନୁତାପ ନାହିଁ ଏବଂ ସେ ବିଶ୍ୱାସ କରନ୍ତି ଯେ ସେ କ୍ରିକେଟର ସବୁଠାରୁ ଲମ୍ବା ଫର୍ମାଟରେ ଦେଶ ପାଇଁ ନିଜର ସର୍ବସ୍ୱ ଦେଇଥିଲେ।

ସୂଚନାଯୋଗ୍ୟ, ବିରାଟ କୋହଲି ମେ ୧୨ରେ ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ସେ ତାଙ୍କର ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଲମ୍ବା ପୋଷ୍ଟ ଲେଖି ତାଙ୍କର ଅବସର ଘୋଷଣା କରିଥିଲେ। କୋହଲି ୧୨୩ଟି ଟେଷ୍ଟରେ ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ ସହାୟତାରେ ୯୨୩୦ ରନ କରିଥିଲେ। ସେ ଟେଷ୍ଟରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର ଥିଲେ।

କୋହଲି ଏବଂ ଶାସ୍ତ୍ରୀ ଭାରତୀୟ ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ସଫଳ ଅଧିନାୟକ-ପ୍ରଶିକ୍ଷକ ଯୋଡ଼ି ଗଠନ କରିଥିଲେ। ଶାସ୍ତ୍ରୀ ନିଶ୍ଚିତ କରିଛନ୍ତି ଯେ ଷ୍ଟାର ବ୍ୟାଟସମ୍ୟାନ ତାଙ୍କ ଅବସର ଘୋଷଣା କରିବା ପୂର୍ବରୁ ତାଙ୍କ ସହ କଥା ହୋଇଥିଲେ। ଶାସ୍ତ୍ରୀ ଆଇସିସି ସମୀକ୍ଷାରେ ସଞ୍ଜନା ଗଣେଶନଙ୍କୁ କହିଥିଲେ, 'ମୁଁ ଏ ବିଷୟରେ ବିରାଟଙ୍କ ସହ କଥା ହୋଇଥିଲି। ମୁଁ ମୋର ଅବସର ଘୋଷଣା କରିବାର ଗୋଟିଏ ସପ୍ତାହ ପୂର୍ବରୁ ଭାବୁଛି। ତାଙ୍କ ମନରେ ଏହା ସ୍ପଷ୍ଟ ଥିଲା ଯେ ସେ ତାଙ୍କର ସର୍ବସ୍ୱ ଦେଇଛନ୍ତି। ତାଙ୍କର କୌଣସି ଅନୁତାପ ନାହିଁ।

ପୂର୍ବତନ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ କହିଛନ୍ତି, 'ମୁଁ ଗୋଟିଏ କିମ୍ବା ଦୁଇଟି ବ୍ୟକ୍ତିଗତ ପ୍ରଶ୍ନ ପଚାରିଥିଲି ଏବଂ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ତାଙ୍କ ମନରେ କୌଣସି ସନ୍ଦେହ ନାହିଁ, ଯାହା ମୋତେ ଭାବିବାକୁ ବାଧ୍ୟ କରିଥିଲା ଯେ ହଁ, ଏହା ଯିବାର ଠିକ ସମୟ।' ମନ ଶରୀରକୁ କହିଲା ଯେ ଏହା ଯିବାର ସମୟ ଆସିଗଲା।' ତୁମେ ଜାଣିଥିବ ଯେ ବିରାଟ କୋହଲି ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ। ସେ ୬୮ଟି ମ୍ୟାଚରେ ଅଧିନାୟକତ୍ୱ କରିଥିଲେ, ଯେଉଁଥିରୁ ଭାରତ ୪୦ଟି ଟେଷ୍ଟ ଜିତିଥିଲା। କୋହଲି ପଡ଼ିଆରେ ତାଙ୍କର ଆକ୍ରମଣାତ୍ମକ ମନୋଭାବ ପାଇଁ ଜଣାଶୁଣା ଏବଂ ଶାସ୍ତ୍ରୀ ବିଶ୍ୱାସ କରନ୍ତି ଯେ ଏପରି ଚିନ୍ତାଧାରା ସୀମାବଦ୍ଧତା ସହିତ ଆସିଥାଏ।

# ରାଜ୍ୟ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଓଏମସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଭାବେ ଓଡ଼ିଶା ଭାରତ ବର୍ଷରେ ଏକ ଅଗ୍ରଣୀ ରାଜ୍ୟ। ଦେଶର ସର୍ବୋମୋଟ୍ ଖଣିଜ ସମ୍ପଦର ୪୧.୯ ପ୍ରତିଶତରୁ ଅଧିକ ଖଣିଜ ସମ୍ପଦ ଓଡ଼ିଶାରେ ମହଜୁଦ୍ ଅଛି। ଓଏମସି ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରୁ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି। ରାଜ୍ୟକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ପାଇଁ ଓଏମସିର ବଳିଷ୍ଠ ଅବଦାନ ରହିଛି ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଏମସିର ୭୦ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାର ସହିତ ଓଏମସି ନିଜର ଯାତ୍ରା ଆରମ୍ଭ କରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୬୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି। ଏହି କାରବାର କେବଳ ଖଣିଜ ପଦାର୍ଥ ଉତ୍ପାଦନ ଓ ବିକ୍ରୟ ମାଧ୍ୟମରେ ହୋଇଛି। ଆଜି ଓଏମସି ଦେଶରେ ଖଣିଜ ଉତ୍ପାଦନକାରୀ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି। ଓଏମସି କେବଳ ଆମ ରାଜ୍ୟରେ ନୁହେଁ ବରଂ ସାରା ଦେଶରେ ନିଜକୁ ଏକ ଆଦର୍ଶ ଲାଭକାରୀ ରାଜ୍ୟ ପିଏସୟୁ ଭାବରେ ପ୍ରତିଷ୍ଠିତ କରିପାରିଛି। ଓଏମସି ଓଡ଼ିଶା ବିକାଶର ସାରଥୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ସେ ପୁଣି କହିଥିଲେ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କେବଳ କୃଷି ଉପରେ ନିର୍ଭର କରି ଚାଲିଲେ ଆମେ ଆଗକୁ ବଢି ପାରିବା ନାହିଁ। ଆମ ରାଜ୍ୟରେ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ସୁଯୋଗ ରହିଛି। ଆମ ସରକାରଙ୍କ ଲକ୍ଷ୍ୟ ହେଉଛି ଓଡ଼ିଶାକୁ ଏକ ମିଶ୍ରିତ ଅର୍ଥନୀତି ଭାବେ ଗଢିତୋଳିବା ପାଇଁ। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ



ମାନୁଫ୍ୟାକଚରିଂ କ୍ଷେତ୍ରରେ ଅଧିକ ଧ୍ୟାନ ଆକର୍ଷଣ କରିବାକୁ ପଡିବ। ମାନୁଫ୍ୟାକଚରିଂ ପାଇଁ ଆବଶ୍ୟକ କଞ୍ଚାମାଲ ଆମ ରାଜ୍ୟରେ ପ୍ରଚୁର ଭାବେ ଭରପୁର ଅଛି। ପୂର୍ବ ସରକାର ମାନେ ରାଜ୍ୟର ଏହି ଇଣ୍ଡିଷ୍ଟ୍ରିଆଲାଇଜେସନ ପୋଟେନସିଆଲକୁ ଉପଯୋଗ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲେ। କିନ୍ତୁ ଆମ ସରକାର ଏହାର ବିପରୀତ ନୀତି ଆପଣେଇଛନ୍ତି। ରାଜ୍ୟର ଖଣିଜ ଦ୍ରବ୍ୟରେ ଭ୍ୟାଲୁ ଆଡ଼ିସନ୍ କରି ବିକ୍ରୟ କରାଯିବା ନୀତି ଆପଣେଇଛନ୍ତି। ଉଦ୍ୟୋଗୀକରଣ ମାଧ୍ୟମରେ ଦ୍ରୁତ ଶିଳ୍ପାୟନ ପାଇଁ ଆମେ ଶପଥ ନେଇଛୁ ବୋଲି ଶ୍ରୀ ମାଝୀ କହିଥିଲେ।

କାର୍ଯ୍ୟକ୍ରମରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରକୁ ପରିବର୍ତ୍ତନ କରିବାରେ ଓଏମସିର ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ ଆଜିଠାରୁ ଓଏମସିର ୧୮ଟି ଖଣି କାର୍ଯ୍ୟକ୍ଷମ ହେଲା। ଏହା କେବଳ ଖଣିଜ ପଦାର୍ଥ ଉତ୍ପାଦନ କରୁନାହିଁ ଏହା ଏକ ଶକ୍ତିଶାଳୀ, ସ୍ୱାବଲମ୍ବୀ ଓଡ଼ିଶାର ମୂଳଦୁଆ ସ୍ଥାପନ କରୁଛି। ଉନ୍ନତ ଉତ୍ପାଦନ ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ ଓଏମସି ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ କରୁଛି। ଓଏମସିକୁ ଆହୁରି ଚଳଚଞ୍ଚଳ କରିବା ପାଇଁ ସେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ।ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ଆମର ପ୍ରାକୃତିକ ସମ୍ପଦର ସଠିକ୍ ବିନିଯୋଗ କରି ଆମେ ବର୍ତ୍ତମାନ ଏକ ଦୁର୍ବଳ ଅର୍ଥନୀତିରୁ ମଧ୍ୟବର୍ତ୍ତୀ ଅର୍ଥନୀତିକୁ ଆସି ପାରିଛୁ। ଓଏମସି ଦୀର୍ଘ ବର୍ଷ ଧରି ଭଲ ପ୍ରଦର୍ଶନ କରିଆସିଛି। ତଥାପି ଆମକୁ ନିରନ୍ତର ବିକାଶ ପ୍ରକ୍ରିୟାରେ ନୂଆ ଟେକ୍ନୋଲୋଜି ସହିତ ସାମିଲ ହେବାକୁ ପଡିବ।

ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏମ୍‌ସିର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଏମସି ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ନିଗମ ଅଧୀନରେ କାମ କରୁଥିବା ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ମୟଙ୍କ



**ନୂଆଦିଲ୍ଲୀ**

ମୟଙ୍କ ଯାଦବ ଆହତ ସମସ୍ୟା କାରଣରୁ ଚଳିତ ଆଇପିଏଲ୍ ସିଜନର ଅବଶିଷ୍ଟାଂଶ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏ ନେଇ ଆଇପିଏଲ୍ ପକ୍ଷରୁ ବିବୃତି ଜାରି କରାଯାଇଛି।

୨୨ ବର୍ଷୀୟ ମୟଙ୍କ ଚଳିତ ସିଜନରେ ମାତ୍ର ୨ ମ୍ୟାଚ୍ ଖେଳି ୧୨.୫୦ ବ୍ୟୟବହୁଳ ଇକୋନୋମୀ ରେଟ ସହ ୨ ଉଇକେଟ ନେଇଥିଲେ। ସେ ବ୍ୟାକ ଇଞ୍ଜୁରୀ କାରଣରୁ ଆଇପିଏଲ୍ ଆରମ୍ଭରୁ ଉପଲବ୍ଧ ମଧ୍ୟ ନ ଥିଲେ। ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ଲମ୍ବା ରେହାବିଲିଟେସନ ପରେ ମୟଙ୍କ ଏପ୍ରିଲ ୧୬ ତାରିଖରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଦଳରେ ଯୋଗ ଦେଇଥିଲେ। ଏଲ୍‌ଏସ୍‌ଜି ପକ୍ଷରୁ ମୟଙ୍କଙ୍କ ବଦଳ ଖେଳାଳି ଭାବେ ନ୍ୟୁଜିଲାଣ୍ଡ ପେସର ୱିଲିଅମ ଓରର୍କେଙ୍କୁ ଦଳରେ ସାମିଲ କରାଯାଇଛି।

# ଏସ୍‌ସି, ଏସ୍‌ଟି ଓ ପଛୁଆବର୍ଗଙ୍କ ପାଇଁ ଲଢେଇ ଜାରି ରହିବ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଏସଇବିସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ବ୍ୟବସ୍ଥାର ରାଜ୍ୟ ବିଜେପି ସରକାରଙ୍କ ଘୋଷଣା ଓ ଏହାକୁ ଐତିହାସିକ ନିଷ୍ପତ୍ତି ବୋଲି ରାଜ୍ୟ ସରକାରଙ୍କ ଦାବିକୁ ବିଜୁ ଜନତା ଦଳ ଏକ ଧୋକା ଓ ପ୍ରବଞ୍ଚନା ବୋଲି କହିଛି। ଏସଇବିସି ବା ଓବିସି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଘୋଷଣା କରିଛି।

ଶଙ୍ଖଭବନ ଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଓବିସି ସେଲର ଆବାହକ ତଥା ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ, ଉପସଭାପତି (ହେଡ୍‌କ୍ୱାର୍ଟର) ତଥା ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, ବରିଷ୍ଠ ଉପସଭାପତି ସଞ୍ଜୟ ଦାସବର୍ମା ଓ ମୁଖପାତ୍ର ପ୍ରଦୀପ ମାଝୀ ପ୍ରମୁଖ ରାଜ୍ୟ ସରକାରଙ୍କଏହି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ଡ. ଅରୁଣ କୁମାର ସାହୁ କହିଥିଲେ, ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକରେ ଏସଇବିସି ଛାତ୍ରଛାତ୍ରୀଙ୍କ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟସ ରକାରଙ୍କ ଘୋଷଣା ପଛୁଆ ବର୍ଗଙ୍କ ପାଇଁ ଏକ ଧୋକା ଓ ପ୍ରବଞ୍ଚନା। ରାଜ୍ୟ ସରକାରଙ୍କ ଦ୍ୱାରା, ଏହିସମ୍ବନ୍ଧରେ ପ୍ରକାଶିତ ହୋଇଥିବା ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଛି ଯେ, ଏହା କେବଳ ଅଣ ବୈଷୟିକ ଓ ଅଣ ବୃତ୍ତିଗତ ଉଚ୍ଚ ଶିକ୍ଷା ପାଇଁ ଉଦ୍ଦିଷ୍ଟ। ଯେଉଁ ଶିକ୍ଷାନୁଷ୍ଠାନ ଗୁଡିକରେ ରାଜ୍ୟ ସରକାରଙ୍କ ତରଫରୁ ପଛୁଆବର୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି, ସେହି ଶିକ୍ଷାନୁଷ୍ଠାନ ମାନଙ୍କରେ ଥିବା ଆସନ ଗୁଡିକ ପ୍ରାୟତଃ ଖାଲି ପଡୁଛି।ଖାଲି ପଡୁଥିବା ଆସନ ଗୁଡିକ ପାଇଁ ସଂରକ୍ଷଣ ଘୋଷଣା କରିବା ଓ ଏହାକୁ ଐତିହାସିକ ବୋଲି ଦାବି କରିବା ଧୋକା ଓ ପ୍ରବଞ୍ଚନା ନୁହେଁ ତ ଆଉ କ'ଣ ବୋଲି ଡ. ସାହୁ ପ୍ରଶ୍ନ କରିଥିଲେ।

ଡ. ସାହୁ ଆହୁରି କହିଥିଲେ, ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡିକରେ ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଗୋଟିଏ ଦାୟିତ୍ୱସମ୍ପର୍ଣ୍ଣ ବିରୋଧୀ ଦଳ ଭାବେ ବିଜୁଜନତା ଦଳ ରାଜ୍ୟସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଆସୁଛି। ବିଧାନସଭାରେ ମୁଲତବି ପ୍ରସ୍ତାବ ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇବା ସହିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦେଇ ଥିଲୁ। ଆମର ଦୃଢ଼ ଦାବି ଓ ରାଜ୍ୟର ପଛୁଆ ବର୍ଗଙ୍କ ଚାପର ବଶବର୍ତ୍ତୀ ହୋଇ ରାଜ୍ୟସରକାର ଅତ୍ୟନ୍ତ ତରବରିଆ ଭାବେ ଏହି ଘୋଷଣା କରିଛନ୍ତି। ରାଜ୍ୟସରକାର କ୍ଷମତାକୁ ଆସିବାର ଏକ ବର୍ଷ ପୂରଣ ହେବାକୁ ଯାଉଛି ଓ ଏହି ଏକ ବର୍ଷରେ ସରକାର ସେପରି କିଛି ଆଖି ଦୃଶିଆ ଉପଲବ୍ଧି ହାସଲ କରିପାରି ନାହାନ୍ତି। ତେଣୁ ତରବରିଆ ଭାବେ ସରକାର ଏଭଳି ଏକ ପ୍ରଭାବହୀନ ସଂରକ୍ଷଣ ଘୋଷଣା କରିଛନ୍ତି। ଯେଉଁ କ୍ଷେତ୍ରରେ ଆସନ ଖାଲି ପଡୁଛି ସେଠାରେ ସଂରକ୍ଷଣ ପାଇଁ ଘୋଷଣା କରାଯାଇଛି କିନ୍ତୁ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରାଯାଇ ନାହିଁ। ଏହାର ଅର୍ଥ ଇଂଜିନିୟରିଂ, ମେଡିକାଲ ଓ ଅନ୍ୟ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ।

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରତିବାଦ କରିବା ସହିତ ତୁରନ୍ତ ରାଜ୍ୟର ସମସ୍ତ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗ ନିମନ୍ତେ ୨୭ ପ୍ରତିଶତ ଆସନ ସଂରକ୍ଷଣ ଲାଗୁ କରିବା ପାଇଁ ବିଜୁଜନତା ଦଳ ଦାବି କରୁଛି। ଏହି ଦାବିକୁନେଇ ଆସନ୍ତା ୨୧ ତାରିଖରେ ରାଜଭବନ ସମ୍ମୁଖରେ ବିଜୁଜନତା ଦଳ ତରଫରୁ ଏକ ବିଶାଳ ଗଣଧାରଣା ଦିଆଯିବ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ଡ. ସାହୁ କହିଥିଲେ।

# ୩ଦେଶରେ ବ୍ୟାପିଲା କୋଭିଡ-୧୯ ନୂଆ ଲହର

**ନୂଆଦିଲ୍ଲୀ**

ଏତେ ବର୍ଷ ପରେ ବି କମିନି କୋଭିଡ ପ୍ରକୋପ। ବର୍ଷକୁ ବର୍ଷ ନୂଆ ନୂଆ ଲହର ଦେଖାଉଛି ଭୂତାଣୁ। ଏବେ ପୁଣିଥରେ ନୂଆ ରୂପ ନେଇ କୋଭିଡ ଭାଇରସ ବ୍ୟାପୁଥିବା ସୂଚନା ଆସିଛି। ଏକ ରିପୋର୍ଟରେ କୁହାଯାଇଛି କି, ହଂକଂ ଓ ସିଙ୍ଗାପୁରର ସ୍ୱାସ୍ଥ୍ୟ ଅଧିକାରୀମାନେ ଏସିଆର କିଛି ଅଂଶରେ ଏକ ନୂଆ ଭାରିଆଣ୍ଟ ବ୍ୟାପିବା ସହିତ କୋଭିଡ-୧୯ ମାମଲା ବୃଦ୍ଧି ପାଇବା ବିଷୟରେ ସତର୍କ କରାଇଛନ୍ତି। ହଂକଂର ସ୍ୱାସ୍ଥ୍ୟ ସୁରକ୍ଷା କେନ୍ଦ୍ରର ସଂକ୍ରମିତ ରୋଗ ଶାଖାର ମୁଖ୍ୟ ଆଲବର୍ଟ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି ଯେ ସହରରେ କୋଭିଡ-୧୯ ସଂକ୍ରମଣ ଅଧିକ ରହିଛି। ଗତ ବର୍ଷଠାରୁ କୋଭିଡ୍-୧୯ ପାଇଁ ପଜିଟିଭ୍ ହୋଇଥିବା ଶ୍ୱାସକ୍ରିୟା ନମୁନା ସଂଖ୍ୟା ସର୍ବାଧିକ ଥିଲା। ଗୁରୁତର ମାମଲା ଓ ମୃତ୍ୟୁ ସଂଖ୍ୟା ଶୀର୍ଷ ସ୍ତରରେ ପହଞ୍ଚିଛି । ମେ ୩ ପର୍ଯ୍ୟନ୍ତ ସପ୍ତାହରେ ୩୧ଟି ଗୁରୁତର ମାମଲା ଚିହ୍ନଟ ହୋଇଛି। ଯଦିଓ ଏହି ବର୍ତ୍ତମାନର ବୃଦ୍ଧି ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ସବୁଠାରୁ ବଡ଼ ପ୍ରକୋପ ପରି ବଡ଼ ନୁହେଁ । ଅନ୍ୟାନ୍ୟ ସୂଚକଗୁଡ଼ିକ ଦର୍ଶାଉଛି ଯେ ଭାଇରସ ବ୍ୟାପିବାରେ ଲାଗିଛି ।

# ଆର୍ଟ ଅଫ୍ ଗିଭିଂ-ଏକ ମହତ୍ ପଦକ୍ଷେପ

ଆର୍ଟ ଅଫ୍ ଗିଭିଂ ଏକ ପରୋପକାରୀ ଆନ୍ଦୋଳନ ଏବଂ ସାମାଜିକ ପଦକ୍ଷେପ ଯାହା ବ୍ୟକ୍ତି ଏବଂ ସମ୍ପ୍ରଦାୟ ମଧ୍ୟରେ ନିଃସ୍ୱାର୍ଥପର ଦାନ, କରୁଣା ଏବଂ ବାଣ୍ଟିବାର ଭାବନାକୁ ପ୍ରୋତ୍ସାହିତ କରେ। ଏହାକୁ ଭାରତରେ କଳିଙ୍ଗ ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ (କିସ୍) ଏବଂ (କିଟ୍) ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିଲା। ଏହି ପଦକ୍ଷେପ ଜୀବନର ସମସ୍ତ ବର୍ଗର ଲୋକଙ୍କୁ କେବଳ ଭୌତିକ ଭାବରେ ନୁହେଁ ବରଂ ଭାବପ୍ରବଣ ଏବଂ ଆଧ୍ୟାତ୍ମିକ ଭାବରେ ମଧ୍ୟ ବିଭିନ୍ନ ରୂପରେ ଦୟା ଏବଂ ଦାନ ଅଭ୍ୟାସ କରିବାକୁ ଉତ୍ସାହିତ କରେ।

**ଦାନ କଳା ବିଷୟରେ**

ଶିକ୍ଷାବିତ୍ ଏବଂ ସମାଜ ସଂସ୍କାରକ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରଦତ୍ତ 'ଆର୍ଟ ଅଫ୍ ଗିଭିଂ' ହେଉଛି ଜୀବନର ଏକ ଦର୍ଶନ ଯାହା ବିଶ୍ୱରେ ସୁଖ ଏବଂ ଶାନ୍ତିକୁ ପ୍ରୋତ୍ସାହିତ କରିବାକୁ ଆକାଂକ୍ଷା କରେ। ସେ ଗତ ତିରିଶ ବର୍ଷ ଧରି ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଆଦିବାସୀ ଯୁବକମାନଙ୍କୁ ମାଗଣାରେ ଶିକ୍ଷା, ଆବାସ ଏବଂ ଦକ୍ଷତା ପ୍ରଦାନ କରିଆସୁଛନ୍ତି। ସେ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରାୟ ଦଶ ଲକ୍ଷ ଜୀବନକୁ ସଶକ୍ତ କରିଛନ୍ତି। ଏହି ନିଃସ୍ୱାର୍ଥପର ଦାନ ବିଶ୍ୱକୁ ଦାନର ଆନନ୍ଦ ଅନୁଭବ କରିବା ପାଇଁ ଏକ ଦାର୍ଶନିକ ଏବଂ କାର୍ଯ୍ୟ-ଭିତ୍ତିକ ଢାଞ୍ଚା ପ୍ରଦାନ କରିବା ପାଇଁ ଆର୍ଟ ଅଫ୍




ଗିଭିଂରେ ପରିଣତ ହୋଇଛି। ଆର୍ଟ ଅଫ୍ ଗିଭିଂ ଏକ ନାଗରିକ ଆନ୍ଦୋଳନରେ ପରିଣତ ହୋଇଛି – ଏକ ସ୍ୱେଚ୍ଛାସେବୀ ଭିତ୍ତିକ ଅଣ-ଲାଭକାରୀ ସଂଗଠନ। ବିଶ୍ୱରେ ଶାନ୍ତି ଏବଂ ଖୁସିର ବାର୍ତ୍ତା ପ୍ରସାର କରିବା ପାଇଁ ବିଶ୍ୱବ୍ୟାପୀ ଅଧିକରୁ ଅଧିକ ଲୋକ ଏହି ଆନ୍ଦୋଳନରେ ଯୋଗ ଦେଉଛନ୍ତି।

'ଆର୍ଟ ଅଫ୍ ଗିଭିଂ' ଏକ ସାମାଜିକ ରୂପ ନେଇଥିଲା, ଏହା ଏକ ଏନଜିଓ, ଯାହା ସକାରାତ୍ମକତା, ଦୟା ଏବଂ କରୁଣାକୁ ପ୍ରୋତ୍ସାହିତ କରିବା ଏବଂ ଦାନକାରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ପାଇଁ କାର୍ଯ୍ୟ କରେ। ଏପରି ଏକ ବିଶ୍ୱରେ, ଯେଉଁଠାରେ ଅପାର ଯନ୍ତ୍ରଣା, ଦୁଃଖ ଏବଂ ଅଭାବ ରହିଛି, ତଥାପି ଧନ ଏବଂ ସମ୍ପଦର ପ୍ରଚୁରତା ଅଛି, 'ଆର୍ଟ ଅଫ୍ ଗିଭିଂ' ସେହିମାନଙ୍କୁ ସଂଯୋଗ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରେ ଯେଉଁମାନଙ୍କର ଆବଶ୍ୟକତା ଅଛି ଏବଂ ଯେଉଁମାନଙ୍କର ଦାନ କରିବା ପାଇଁ ଯଥେଷ୍ଟ ଅଛି କିନ୍ତୁ ଦାନ କରିବାର ସଠିକ୍ ଉପାୟ ପାଉନାହାନ୍ତି। ଆମକୁ 'ଆର୍ଟ ଅଫ୍ ଗିଭିଂ' କୁହାଯାଏ କାରଣ ଆମେ ଆପଣଙ୍କୁ ବିଚକ୍ଷଣତାର ସହିତ ଦାନ କରିବା ଏବଂ ଦାନ କରିବାର ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ ଏକ ବିଶ୍ୱସ୍ତ ପ୍ଲାଟଫର୍ମ ପ୍ରଦାନ କରୁ। ଏହା ବୈଜ୍ଞାନିକ ଭାବରେ ମଧ୍ୟ ପ୍ରମାଣିତ ହୋଇଛି ଯେ ଯେତେବେଳେ ଆପଣ ଦାନ କରନ୍ତି, ଆପଣ ଖୁସିର ଅବସ୍ଥାରେ ଥାଆନ୍ତି।

ପ୍ରତିଦିନ, ଆମେ ଏହି ବିଶ୍ୱକୁ ଏକ ଉତ୍ତମ ସ୍ଥାନରେ ଦେଖିବା ପାଇଁ ଚେଷ୍ଟା କରୁ। ପରିବର୍ତ୍ତନ ଆଣିବା ପ୍ରତି ଆମର ପ୍ରତିବଦ୍ଧତା ଆମକୁ ପ୍ରେରଣା ଦିଏ। ଶିକ୍ଷା ଏବଂ ଜନଜାତି ଉନ୍ନତି କ୍ଷେତ୍ରରେ ଆମର କାର୍ଯ୍ୟ ବ୍ୟତୀତ, ଆମେ ଅନେକ ମାନବିକ ପ୍ରକଳ୍ପ ଏବଂ ସେବା ପଦକ୍ଷେପ ଉପରେ କାର୍ଯ୍ୟ କରୁଛୁ ଯେଉଁଥିରେ ଅନ୍ତର୍ଭୁକ୍ତ : ବିପର୍ଯ୍ୟୟ ସହାୟତା, ସ୍ଥାୟୀ ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ପରିବେଶଗତ ସ୍ଥିରତା, ସ୍ୱାସ୍ଥ୍ୟସେବା ଶିବିର ଏବଂ ଗଣତନ୍ତ୍ର ପ୍ରୋତ୍ସାହନ। ଆମର ଯୁବ, ଗତିଶୀଳ ଏବଂ ପ୍ରତିବଦ୍ଧ ସ୍ୱେଚ୍ଛାସେବକମାନଙ୍କୁ ଏକ ବଡ଼ ସାମାଜିକ ପ୍ରଭାବ ପକାଇବା ପାଇଁ ପ୍ରେମ ଏବଂ କରୁଣାର ଶକ୍ତିକୁ ବ୍ୟବହାର କରିବାର ମିଶନ ପାଇଁ ଦାୟିତ୍ୱ ଦିଆଯାଇଛି। ଆମେ ଦାନର ମୂଳଦୁଆ ଉପରେ ନୁହେଁ, ମର୍ଯ୍ୟାଦାର ମୂଳଦୁଆ ଉପରେ କାର୍ଯ୍ୟ କରୁ। ଆମେ ଦୃଢ଼ ଭାବରେ ବିଶ୍ୱାସ କରୁଛୁ ଯେ କେହି ଏକାକୀ ବିଶ୍ୱକୁ ପରିବର୍ତ୍ତନ କରିପାରିବେ ନାହିଁ, ଏବଂ ସେଥିପାଇଁ ଆମେ ସ୍ୱେଚ୍ଛାସେବାର ଶକ୍ତିରେ ବିଶ୍ୱାସ କରୁ। ପ୍ରତ୍ୟେକ ଦିନ, ଆମେ ପ୍ରତ୍ୟେକେ ଏକ ଭଲ ଆସନ୍ତାକାଲି ସୁନିଶ୍ଚିତ କରିବା ପାଇଁ ଦାନର ଶକ୍ତିକୁ ମୁକ୍ତ କରିବା ପାଇଁ ଏକାଠି କାମ କରୁଛୁ। 'ଯଦି ଆପଣ ଉଦ୍ଦେଶ୍ୟ ଏବଂ ଆମର ଉଦ୍ଦେଶ୍ୟ ସହିତ ସମନ୍ୱିତ ହୁଅନ୍ତି, ତେବେ 'ଆର୍ଟ ଅଫ୍ ଗିଭିଂ' ଏକ ପରୋପକାରୀ ଆନ୍ଦୋଳନ ଏବଂ ସାମାଜିକ ପଦକ୍ଷେପ ଯାହା ବ୍ୟକ୍ତି ଏବଂ ସମ୍ପ୍ରଦାୟ ମଧ୍ୟରେ ନିଃସ୍ୱାର୍ଥପର ଦାନ, କରୁଣା ଏବଂ ବାଣ୍ଟିବାର ଭାବନାକୁ ପ୍ରୋତ୍ସାହିତ କରେ। ଏହାକୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନସ୍ଂ (କିସ୍) ଏବଂ ଭାରତର (କିଟ୍) ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିଲା। ଏହି ପଦକ୍ଷେପ ଜୀବନର ସମସ୍ତ କ୍ଷେତ୍ରର ଲୋକଙ୍କୁ କେବଳ ଭୌତିକ ଭାବରେ ନୁହେଁ ବରଂ ଭାବପ୍ରବଣ ଏବଂ ଆଧ୍ୟାତ୍ମିକ ଭାବରେ ମଧ୍ୟ ବିଭିନ୍ନ ରୂପରେ ଦୟା ଏବଂ ଦାନ ଅଭ୍ୟାସ କରିବାକୁ ଉତ୍ସାହିତ କରେ।





# ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀ ଶୁକ୍ରବାର କ୍ରମାନ୍ୱୟରେ ମହାରାଜ ସୁଢୋଳ ଦେବଙ୍କ ଜୟନ୍ତୀ, ଭାଷାବିତ୍ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ବିପ୍ଳବୀ ଧରଣୀଧର ନାୟକଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ରାଜଧାନୀ ଏ.ଜି. ଛକ ଠାରେ ଅବସ୍ଥିତ ସାରସ୍ୱତ ସାଧକ ତଥା ଜନ କଲ୍ୟାଣକାରୀ ପ୍ରଶାସକ ସୁଢୋଳ ଦେବଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କ ଉତ୍କଳୀୟ ସଂସ୍କୃତିକୁ ଅବଦାନ ଓ ଜନହିତକର ଯୁଗାନ୍ତକାରି ପଦକ୍ଷେପ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅନ୍ୟ ପକ୍ଷରେ ପୂର୍ଣ୍ଣଚନ୍ଦ୍ର ଭାଷା କୋଷର ପ୍ରଣେତା ଓ ପ୍ରଖ୍ୟାତ ପ୍ରାବନ୍ଧିକ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉତ୍କଳୀୟ ବାଣୀ ଭଣ୍ଡାରକୁ ତାଙ୍କର ଅନବଦ୍ୟ ଦାନ ସମ୍ବନ୍ଧରେ ଅତିଥିମାନେ ମତବ୍ୟକ୍ତ କରି ଏ.ଜି ଛକ ଠାରେ ଅବସ୍ଥିତ ତାଙ୍କ




ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପୁଣ୍ୟ ତିଥି ପାଳନ କରିଥିଲେ। ପରିଶେଷରେ ମହାନ୍ ବିପ୍ଳବୀ ଧରଣୀଧର ନାୟକଙ୍କ ତିରୋଧାନ ଦିବସ ପାଳନ ଅବସରରେ ଅତିଥିମାନେ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏବଂ ଅତିଥି ଭାବେ ଯୋଗ ଦେଇଥିଲେ ବିଜେଡିର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ସାମଲ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଗଜେନ୍ଦ୍ର ସାହୁ, ଅଶ୍ୱିନୀ ପଟ୍ଟନାୟକ, ଅଶୋକ ମଲ୍ଲିକ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ନିରଞ୍ଜନ ନାୟକ,ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଛତିଶ ପାତ୍ର, ପଣ୍ଡିତ ସର୍ବେଶ୍ୱର ଦାଶ, ଯତୀନ ପାତ୍ର, ସତ୍ୟବ୍ରତ ଜେନା ଲିପୁନ କୁମାର ପାତ୍ର, ବୀର ନାୟକ, ଦୀପକ କୁମାର ପାତ୍ର, ବେଣୁଧର ନାୟକ। ପରିଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ସାଇକେଲ ଦ୍ୱାରା ବିଶ୍ୱ ଶାନ୍ତି ନିମନ୍ତେ ଭାରତ ପରିଭ୍ରମଣ କରୁଥିବା ନାଗେଶ୍ୱର ଗୌଡ଼ଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଠମଲ୍ଲିକରେ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ଆଠମଲ୍ଲିକ, ନ୍ୟୁଜ୍‌ବ୍ୟୁରୋ**

କଥା ଦେଇଥିଲେ, ଆଜି ନିଜ କଥାବି ରଖିଲେ: ଶିକ୍ଷା କ୍ଷେତ୍ରରେ ଆଠମଲ୍ଲିକ ଇତିହାସରେ ଯୋଡ଼ିହୋଇଛି ଆଉ ଏକ କାହାଣୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଆଠମଲ୍ଲିକରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ଜନ ଆକାଂକ୍ଷା ପୂରଣ ହୋଇଛି। ଓଡ଼ିଶାର ବିକାଶ ପୁରୁଷ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଆଠମଲ୍ଲିକର ଅସ୍ଥାୟୀ



କ୍ୟାମ୍ପସର ଶୁଭ ଉଦ୍‌ଘାଟନ ସହ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ କରାଯାଇଛି।

ଏହି ଅବସରରେ ଢେଙ୍କାନାଳର ସାଂସଦ ରୁଦ୍ର ନାରାୟଣ ପାଣି, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ବୌଦ୍ଧର ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ପାଲଲହଡାର ବିଧାୟକ ଅଶୋକ ମହାନ୍ତି, ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରେଣ୍ୟ ଅତିଥି ଏବଂ କର୍ମକର୍ତ୍ତା ସମସ୍ତଙ୍କ ଯୋଗଦାନ ଏହି କାର୍ଯ୍ୟକ୍ରମକୁ ସଫଳ କରିଛି।

## ଦକ୍ଷତା ବିକାଶ ପ୍ରତିଷ୍ଠାନରେ ଅନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

# 'ସ୍କିଲ୍ ଅନ୍ ହ୍ୱିଲ'କୁ ପତାକା ଦେଖାଇ ଶୁଭାରମ୍ଭ କଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍କିଲ୍ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱର (ଏସଡିଆଇ)ରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ କରମକମଳରେ ନ୍ୟାସନାଲ୍ ସ୍କିଲ୍ ଡେଭେଲପମେଣ୍ଟ୍ କର୍ପୋରେସନ୍ (ଏନଏସଡିସି)ର ସହଯୋଗରେ ଅନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ସହ 'ସ୍କିଲ୍ ଅନ୍ ହ୍ୱିଲ' ବା କୌଶଳ ରଥର ଶୁଭାରମ୍ଭ ହୋଇ ଯାଇଛି। ଏହାକୁ ରାଜ୍ୟପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ। ଏହାସହ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଏସଡିଆଇ ଭୁବନେଶ୍ୱରର ଚେୟାରମ୍ୟାନ ରର୍ଣ୍ଣି ଗୋଭିଲ, ଆଇଓସିଏସର ଏଚଆର୍ ନିର୍ଦ୍ଦେଶକ, ଏନଏସଡିସି ଓ ଦକ୍ଷତା ବିକାଶ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମିଶନ ସ୍କିଲ ଇଣ୍ଡିଆର ପରିକଳ୍ପନାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାର ପ୍ରଗତିଶୀଳ ପ୍ରୟାସ




ଉପରେ ଆଲୋକପାତ କରିଥିଲେ। ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନକୁ ପ୍ରଶଂସା କରି ତାଙ୍କୁ ଜାତୀୟ ସ୍ତରରେ ପ୍ରଶଂସା ପାଇଥିବା ଏସ୍.ଡି.ଆଇ. ଭୁବନେଶ୍ୱରର ସ୍ଥପତି ବୋଲି ଅଭିହିତ କରିଥିଲେ। ସେ କହିଥିଲେ, ଏହି ବିଶ୍ୱସ୍ତରୀୟ କ୍ୟାମ୍ପସ ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ୪୭ ଏକର ପରିମିତ ଜମିରେ ୫୦୦ କୋଟି ଟଙ୍କାର ନିବେଶ ସହିତ ବିକଶିତ ହୋଇ କୌଶଳ ପ୍ରଶିକ୍ଷଣର ଉତ୍କୃଷ୍ଟତାର ଏକ ମଡେଲ୍ ଭାବରେ ଉଭା ହୋଇଛି। ଏସଡିଆଇ ଭୁବନେଶ୍ୱର ଇଞ୍ଜିନିୟରିଂ, ପଲିଟେକନିକ୍ ଏବଂ ଆଇଟିଆଇ ସ୍ନାତକଧାରୀଙ୍କ ପାଇଁ ଏହା ବିଶେଷ ସହାୟକ ହୋଇଛି। 'ଅନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ରର ପ୍ରୟାସରେ ଶୁକ୍ରବାର ଆରମ୍ଭ ହୋଇଛି। ଯେଉଁ ଏକାଡେମୀ ଆମର ଯୁବଶକ୍ତିଙ୍କୁ ବିଦେଶୀ ଭାଷାର ପ୍ରଶିକ୍ଷଣ ଦେଇ ସେମାନଙ୍କ ପାଇଁ ଅନ୍ତର୍ଜାତୀୟ ସୁଯୋଗକୁ ବ୍ୟାପକ କରିଛି ସେମାନଙ୍କୁ ଭବିଷ୍ୟତର କ୍ୟାରିୟରରେ ସୁଯୋଗ ଦେବା ପାଇଁ ସବୁପ୍ରକାର ସହଯୋଗ ମଧ୍ୟ ପ୍ରଦାନ କରାଯିବ।

ସେହିପରି ଉଦ୍‌ଘାଟିତ କୁଶଳ ରଥ ଏକ ମୋବାଇଲ୍ ପ୍ରଶିକ୍ଷଣ ୟୁନିଟ୍। ଆଗାମୀ ଦିନର ପରିବର୍ତ୍ତିତ ଦୁନିଆରେ ନୂତନ ଟେକ୍ନୋଲୋଜି ଓ ସ୍କିଲ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଆଯାଇ ଥିବା ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ଅତ୍ୟାଧୁନିକ ଉପକରଣରେ ସୁସଜ୍ଜିତ ଏହି ସ୍କିଲ୍ ରଥ ଯୁବବର୍ଗଙ୍କ ଦକ୍ଷତାକୁ ବଢ଼ାଇବ। ରାଜ୍ୟପାଳ କହିଥିଲେ ଏସଡିଆଇ ଭୁବନେଶ୍ୱର ଜାତୀୟ ସ୍ତରରେ ଏକ କୌଶଳ ଏକାଡେମୀ ଭାବେ ଆଗକୁ ବଢ଼ିବ ଏବଂ ଆମର ରାଜ୍ୟ ଓଡ଼ିଶାକୁ ଅଧିକ ଗୌରବାନ୍ୱିତ କରିବାରେ ସକ୍ଷମ ହେବ।

ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏସଡିଆଇ ଭୁବନେଶ୍ୱର ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କଳ୍ପନାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଓଡ଼ିଶାକୁ ପୂର୍ବ ଭାରତର କୌଶଳ କେନ୍ଦ୍ରରେ ପରିଣତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏଥିପାଇଁ ବଦ୍ଧପରିକର। ସେ ଏସଡିଆଇ ଭୁବନେଶ୍ୱରକୁ ଓଡ଼ିଶା ଏବଂ ପୂର୍ବଭାରତର ଯୁବବର୍ଗଙ୍କ ପାଇଁ 'ବତି ଘର' (ଲାଇଟହାଉସ) ବୋଲି ଅଭିହିତ କରିଥିଲେ।

ଏସଡିଆଇ ଭୁବନେଶ୍ୱରରେ ଏହି ଦୁଇଟି ନୂଆ ପ୍ରୟାସ ଏସଡିଆଇ ଭୁବନେଶ୍ୱରର ସିଇଓ ରଞ୍ଜନ ଭୌମିକ୍ ଏବଂ ସିଓଓ ରାଜେଶ କୁମାର ତ୍ରିପାଠୀଙ୍କ ମିଳିତ ନେତୃତ୍ୱ କାରଣରୁ ସମ୍ଭବ ହୋଇଛି।

# ଶିକ୍ଷାନୁଷ୍ଠାନରେ 'ପଛୁଆବର୍ଗ ସଂରକ୍ଷଣ' ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଲା ଓବିସି ମୋର୍ଚ୍ଚା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପଛୁଆ ବର୍ଗର ବିକାଶ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ ଏବଂ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଓଡ଼ିଶାରେ ବିଜେପି ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବା ପରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ଶୁକ୍ରବାର ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଓବିସି ବର୍ଗ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

ରାଜ୍ୟ ଅତିଥି ଭବନଠାରେ ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦେଇଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଛୁଆ ଜାତି ସମାଜ ତରଫରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫ରୁ ଊର୍ଦ୍ଧ୍ୱ ପଛୁଆ ବର୍ଗ ଜାତି ସଂଗଠନର ନେତୃବୃନ୍ଦ ଏବଂ ଶିକ୍ଷାବିତ, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଐତିହାସିକ ନିଷ୍ପତ୍ତି କାରଣରୁ ପଛୁଆ ବର୍ଗର



ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ। ଅତୀତରେ ପୂର୍ବ ସରକାରମାନଙ୍କ ନିକଟରେ ଅନେକ ଥର ଦାବି କରାଯାଇଥିଲେ ସୁଦ୍ଧା କୌଣସି ସରକାର କର୍ଣ୍ଣପାତ କରିନଥିଲେ। ପଛୁଆ ବର୍ଗର ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପ୍ରାପ୍ତିରୁ ବଞ୍ଚିତ ହେଉଥିଲେ। ଏହି ଐତିହାସିକ ଏବଂ ଯୁଗାନ୍ତକାରୀ ନିଷ୍ପତ୍ତି ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ରାଜ୍ୟର ୫୪ ପ୍ରତିଶତ ପଛୁଆ ବର୍ଗଙ୍କ ସାମଗ୍ରିକ ବିକାଶ ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ। ଆଗକୁ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିବାର ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ଅବସରରେ ବିଜେପି ରାଜ୍ୟ ଉପସଭାପତି ତଥା ଓବିସି ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ମନୋଜ ମହାପାତ୍ର, ଜ୍ଞାନେନ୍ଦ୍ର ସ୍ୱାଇଁ, ସୁକାନ୍ତ ବିଶ୍ୱାଳ, ସୁବାସ ଜେନା, ସିଦ୍ଧାର୍ଥ ଶଙ୍କର ପତି, ବିବେକାନନ୍ଦ ଜେନା ପ୍ରମୁଖଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର ଶତାଧିକ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଜ୍ରାଘାତରେ ୧୦ ମୃତ...

ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସହ ବର୍ଷା ହୋଇଯାଇଛି। କୋରାପୁଟ ଲକ୍ଷ୍ମୀପୁର ପର୍ଡିଗୁଡ଼ା ଗାଁରେ ବିଲରେ କାମ କରୁଥିବା ବେଳେ ଜେଜେ ମା', ନାତୁଣୀ ଓ ଅନ୍ୟଜଣେ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ କେବିରି ବରପୁର ଗ୍ରାମରେ ଆମ୍ବ ଗୋଟାଇବା ପାଇଁ ଜଣେ ଯୁବତୀ ତୋଟାକୁ ଯାଇଥିବା ବେଳେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ଯାଜପୁରରେ ବଜ୍ରାଘାତରେ ୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଉଭୟ ମୃତକ ଜେନାପୁର ଥାନା ଅନ୍ତର୍ଗତ ବୁରୁସାହିର ବୋଲି ଜଣାପଡିଛି। ପୋଲସରା କବିସୂର୍ଯ୍ୟନଗରର କେ. ବରିଡ଼ା ଗ୍ରାମରେ ଜଣେ ନାବାଳକ ଓ ଗଜପତି ଜିଲ୍ଲା ମୋହନା ଆର. ଉଦୟଗିରି କାନକଟାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେହିପରି ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଅଞ୍ଚଳରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଥିବା ଓ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। କୋରାପୁଟ, କଟକ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, ବାଲେଶ୍ୱର, ଗଞ୍ଜାମ ଜିଲ୍ଲାକୁ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡିକରେ କାଳବୈଶାଖୀ ବର୍ଷା ସହ ବିଜୁଳି ଘଡ଼ଘଡ଼ି ମାରିବ। ଏହି ସମୟରେ କେହି ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

## ୧୬ ଆଇଏଏସ୍ ଅଧିକାରୀଙ୍କୁ ...

ପାଇଛି। ବିଜ୍ଞପ୍ତି ଅନୁସାରେ ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଧରମ ହାଂସଦା, ରୀନା ମହାପାତ୍ର, ଲିଲି କୁମାରୀ କୁଲୁ, ଅରାଧନା ଦାସଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ନରହରି ସେଠୀ, ମଧୁମିତା ରଥ, ଦେବାଶିଷ ସିଂ, ପ୍ରତାପ ଚନ୍ଦ୍ର ହୋତା, ନିବେଦିତା ମିଶ୍ର, ରେଗା ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନା ଦାସ ପଟ୍ଟନାୟକ, ଅଞ୍ଜନା ପଣ୍ଡା, ନିବେଦିତା ପୃଷ୍ଟି, ସ୍ୱୟଂ ପ୍ରଭା ମହାନ୍ତି, ସୁଦାମ ଚରଣ ମଣ୍ଡଳ ଏବଂ ଗିରିଶ ଚନ୍ଦ୍ର ସିଂହଙ୍କୁ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ୨୦୨୫ ମସିହା ଅପ୍ରେଲ ୧୦ ତାରିଖରେ, ଓଡ଼ିଶା ସରକାର ଉପରୋକ୍ତ ଅଫିସରମାନଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ଆଇଏଏସ୍ କ୍ୟାଡରକୁ ପଦୋନ୍ନତି ହେବା ପରେ ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତ କରିଥିଲେ। ଏହି ଅଧିକାରୀମାନେ କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ଖାଲି ପଦ ବିରୁଦ୍ଧରେ ଓଡ଼ିଶା ରାଜ୍ୟ ସିଭିଲ ସର୍ଭିସ (ଏସସିଏସ)ରୁ ଆଇଏଏସ୍ କ୍ୟାଡରକୁ ପଦୋନ୍ନତି ପାଇଥିଲେ।

## ରାଜ୍ୟରେ ଗଠନ ହେଲା...

ଅନୁସାରେ କଲ୍ୟାଣ ବୋର୍ଡରେ ୧୬ଜଣ ସଦସ୍ୟ ରହିଛନ୍ତି। ଆସନ୍ତା ୩ବର୍ଷ ପାଇଁ ଏହି ବୋର୍ଡ କାର୍ଯ୍ୟ କରିବ। ୩ବର୍ଷ ଅବଧି ପୂରଣ ପରେ ରାଜ୍ୟ ସରକାର ପୁନର୍ବାର ଏହି ବୋର୍ଡ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରିବେ। ପ୍ରତି ୩ ମାସରେ ଥରେ ବୋର୍ଡର ବୈଠକ ବସିବ। ରାଜ୍ୟ ସାମାଜିକ ସୁରକ୍ଷା ମନ୍ତ୍ରୀ ଏହି ବୋର୍ଡର ଅଧକ୍ଷ ରହିଥିବା ବେଳେ ସଚିବ ଉପାଧକ୍ଷ ଓ ନିର୍ଦ୍ଦେଶକ ଏହି ବୋର୍ଡର ସଦସ୍ୟ ସଚିବ ରହିଛନ୍ତି। ଏହାସହ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ନଗର ଉନ୍ନୟନ, ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରତିନିଧି, ତୃତୀୟଲିଙ୍ଗୀଙ୍କ ୨ଜଣ ସଦସ୍ୟ, କ୍ରମାନ୍ୱୟରେ ୩ ଜିଲ୍ଲାପାଳ ଓ ତୃତୀୟଲିଙ୍ଗୀଙ୍କ ପାଇଁ କାମ କରୁଥିବା ୨ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏହାର ସଦସ୍ୟଭାବେ ବୋର୍ଡରେ ସ୍ଥାନ ପାଇବେ। ରାଜ୍ୟ ସରକାର ଏହି ସଦସ୍ୟମାନଙ୍କୁ ସମୟ ସମୟରେ ଚୟନ କରିବେ। ଏହି ବୋର୍ଡରେ ସାମିଲ ହେବାକୁ ଥିବା ଅଣ-ତୃତୀୟଲିଙ୍ଗୀ ସଦସ୍ୟଙ୍କ କ'ଣ ଯୋଗ୍ୟତା ରହିବ ତାହା ସଂପର୍କରେ ସ୍ପଷ୍ଟ ସୂଚନା ଦିଆଯାଇଛି। ସେହିପରି ବୋର୍ଡର କାର୍ଯ୍ୟ ସଂପର୍କରେ ମଧ୍ୟ ଏଥିରେ ସୂଚନା ଦିଆଯାଇଛି। ତୃତୀୟଲିଙ୍ଗୀମାନଙ୍କ ଶିକ୍ଷା, ନିଯୁକ୍ତି, ଗୃହ ଓ ସ୍ୱାସ୍ଥ୍ୟ ଯୋଜନାର ତଦାରଖ କରିବା ସହ ସେମାନଙ୍କ ସାମ୍ବିଧାନିକ ଓ ମାନବିକ ଅଧିକାରର ସୁରକ୍ଷା କରିବା ଦିଗରେ ବୋର୍ଡ କାର୍ଯ୍ୟ କରିବ। ତୃତୀୟଲିଙ୍ଗୀମାନଙ୍କର ଆବଶ୍ୟକତାକୁ ଅନୁଧାନ କରିବା ଲାଗି ନିୟମିତ ବ୍ୟବଧାନରେ ସର୍ବେକ୍ଷଣ, ଗବେଷଣା ଓ ମୂଲ୍ୟାଙ୍କନ କରିବା, ତୃତୀୟଲିଙ୍ଗୀ ନୀତିକୁ କାର୍ଯ୍ୟକାରୀ କରିବା ଲାଗି ଆବଶ୍ୟକ ପଡୁଥିବା ଅର୍ଥକୁ ସୁନିଶ୍ଚିତ କରିବା ସହ ବିଭିନ୍ନ ପ୍ରକଳ୍ପର ଗୁଣାତ୍ମକ ବିକାଶକୁ ଗୁରୁତ୍ୱ ପ୍ରଦାନ କରିବ। ସେହିପରି ଜିଲ୍ଲା ସ୍ତରରେ ତୃତୀୟଲିଙ୍ଗୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଉପଯୁକ୍ତ କାର୍ଯ୍ୟକାରିତାର ତଦାରଖ, କେନ୍ଦ୍ର-ରାଜ୍ୟ ସରକାରଙ୍କ ଭିତରେ ସମନ୍ୱୟ ରକ୍ଷା, ତୃତୀୟ-ଲିଙ୍ଗୀଙ୍କ ପାଇଁ ଥିବା ଯୋଜନା ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ। ତୃତୀୟଲିଙ୍ଗୀମାନେ ସମାଜରେ କିଭଳି ନିଜର ସମ୍ମାନ ଫେରିପାଇବେ, ସେ ଦିଗରେ କାର୍ଯ୍ୟ କରିବା ସହ ଗଣମାଧ୍ୟମରେ ସେମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସଂପର୍କରେ ସୂଚନା ପ୍ରଦାନ କରିବା ଲାଗି ବୋର୍ଡର କାର୍ଯ୍ୟ ତାଲିକାରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘର ସଭାପତି ପ୍ରତାପ ସାହୁ କହିଛନ୍ତି, ୨୦ବର୍ଷ ହେବ ରାଜ୍ୟରେ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ ଗଠନ କରିବା ପାଇଁ ଦାବି ହୋଇ ଆସୁଥିଲା। ରାଜ୍ୟ ସରକାର ବୋର୍ଡ ଗଠନ କରିଥିବାରୁ ସରକାରଙ୍କୁ ଧନ୍ୟବାଦ। ବୋର୍ଡକୁ ଠିକଣା ଢଙ୍ଗରେ ପରିଚାଳନା କରିଲେ ରାଜ୍ୟରେ ଥିବା ପ୍ରାୟ ୩୦ହଜାର ତୃତୀୟଲିଙ୍ଗୀ ଉପକୃତ ହୋଇପାରିବେ।

## ନ୍ୟାସନାଲ 'ଲ' ୟୁନିଭର୍ସିଟିର...

ଏକ ଫଟୋ ସେୟାର କରାଯାଇଛି। ରିପୋର୍ଟ ଅନୁସାରେ ଭାଇସ ଚାନ୍ସଲେର ବାଜପେୟୀ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ପ୍ରଫେସର ନିଯୁକ୍ତି ନିଷ୍ପତ୍ତିକୁ ଦେଶର ଆଇନ ଶିକ୍ଷାରେ ଏକ ଐତିହାସିକ କ୍ଷଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କ ଯୋଗଦାନ ଏକ ଗର୍ବର କଥା। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଜଣେ ପ୍ରଗତିଶୀଳ ବିଚାରପତି ଥିଲେ । ଏବେ ତାଙ୍କ ଉପସ୍ଥିତିରେ ଆମ ବିଶ୍ୱବିଦ୍ୟାଳୟକୁ ଆଇନ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଦିଗଦର୍ଶନ ମିଳିବ। ଏହି ଅବସରରେ ଦିଲ୍ଲୀ ଏନଏଲୟୁ ନୂଆକରି ସେଣ୍ଟର ଫର କନଷ୍ଟିଟ୍ୟୁସନାଲ ଷ୍ଟଡିଜ ପ୍ରାରମ୍ଭ କରିବାକୁ ଯାଉଛି। ଏଠାରେ ଚନ୍ଦ୍ରଚୂଡ଼ ରିସର୍ଚ୍ଚ ଲିଡ୍ କରିବେ। ଭାଇସ ଚାନସେଲର ବାଜପେୟୀ କହିଛନ୍ତି ଯେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସମ୍ବିଧାନିକ ନୈତିକତା, ଟ୍ରାନ୍ସଫର୍ମେଟିଭ କଷ୍ଟିଟ୍ୟୁସନାଲଜିମ ଓ ମୌଳିକ ଅଧିକାର ବ୍ୟାଖ୍ୟାରେ ଯେଉଁ କାମ କରିଛନ୍ତି ତାହା ଆଇନ ଶିକ୍ଷା ପାଇଁ ଏକ ବହୁତ ବଡ଼ ଅମୂଲ୍ୟ ଯୋଗଦାନ। ଏହା ଛଡା ୟୁନିଭର୍ସିଟି ଜୁଲାଇ ମାସରୁ ଏକ ନୂଆ ପଦକ୍ଷେପ 'ଇନ ଦି ସ୍ପିରିଟ ଅଫ ଜଷ୍ଟିସ୍: ଦି ଡିଓ୍ୱାଇସି ଡିଷ୍ଟିଂଗୁଇସ୍ଡ ଲେକଚର ସିରିଜ' ମଧ୍ୟ ଆରମ୍ଭ କରିବ। ଏହି ସିରିଜରେ ଚନ୍ଦ୍ରଚୂଡ଼ଙ୍କ ଅଭିଜ୍ଞତା ଆଧାରରେ ସାମ୍ପ୍ରତିକ ଆଇନଗତ ପ୍ରସଙ୍ଗ ଉପରେ ଚର୍ଚ୍ଚା କରାଯିବ। ଉଲ୍ଲେଖଯୋଗ୍ୟ ଯେ ଜଷ୍ଟିସ୍ ଡି.ଓ୍ୱାଇ.ଚନ୍ଦ୍ରଚୂଡ଼ ନଭେମ୍ବର ୨୦୨୪ରେ ସିଜେଆଇ ପଦବୀରୁ ଅବସର ଗ୍ରହଣ କରିଥିଲେ। ସେ ଭାରତର ୫୦ତମ ପ୍ରଧାନବିଚାରପତି ଥିଲେ ଓ ତାଙ୍କ କାର୍ଯ୍ୟକାଳ ୨ ବର୍ଷ ପର୍ଯ୍ୟନ୍ତ ଥିଲା। ସୁପ୍ରିମକୋର୍ଟରେ ତାଙ୍କର କ୍ୟାରିୟର ୧୩ ମେ' ୨୦୧୬ରେ ଆରମ୍ଭ ହୋଇଥିଲା। ଏହି ଅବଧିରେ ସେ ୩୮ କନଷ୍ଟିଟ୍ୟୁସନାଲ ବେଞ୍ଚରେ କାର୍ଯ୍ୟ କରିଥିଲେ। ଅଯୋଧ୍ୟା ଜମି ବିବାଦ, ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଶ୍ରେଣୀରୁ ହଟାଇବା, ଗୋପନୀୟତାର ଅଧିକାର ଓ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି ଜ୍ୱଳନ୍ତ ପ୍ରସଙ୍ଗରେ ବଡ଼ ନିଷ୍ପତ୍ତି ଶୁଣାଇବାରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଭୂମିକା ଉଲ୍ଲେଖନୀୟ ଥିଲା।

## ପାକିସ୍ତାନକୁ ପୁଣି କଡ଼ା ସନ୍ଦେଶ...

କରିଛି, ଏଥିପାଇଁ ମୁଁ ଗର୍ବିତ । ଶତ୍ରୁ ଦେଶରେ ତୁମେ ପକାଇଥିବା କ୍ଷେପଣାସ୍ତ୍ରର ପ୍ରତିଧ୍ୱନି ସମଗ୍ର ବିଶ୍ୱ ଶୁଣିଛି । ସେହି ଧ୍ୱନି କେବଳ କ୍ଷେପଣାସ୍ତ୍ର ନଥିଲା ବରଂ ତୁମର ସାହାସ ଏବଂ ଭାରତର ବୀରତ୍ୱର ଥିଲା ।

# ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସରେ ଅଧିକ କୋଚ୍ ସଂଯୋଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ହାଓଡ଼ା ଏବଂ ପୁରୀ ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ଉପଲବ୍ଧ କରାଇବା ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ୨୨୮୯୫/୨୨୮୯୬ ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସରେ ୨୫% କୋଚ୍ ବୃଦ୍ଧି ଘୋଷଣା କରିଛି। ଶୁକ୍ରବାରଠାରୁ ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ପୂର୍ବ ଗଠନ ୧୬ କୋଚ୍ ବଦଳରେ ୨୦ କୋଚ୍ ସହିତ ଚଳାଚଳ କରୁଛି ଯେଉଁଥିରେ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ଯୋଡାଯାଇଛି ।

ଏହି କୋଚ ସଂଯୋଗ ବୃଦ୍ଧିରେ ଚାରୋଟି ଏସି ଚେୟାର କାର୍ କୋଚ୍ ଯୋଡାଯାଇଅଛି ଯାହାର ଲକ୍ଷ୍ୟ ଏହି ପ୍ରତିଷ୍ଠିତ ସେମି-ହାଇ-ସ୍ପିଡ୍ ଟ୍ରେନ୍ ସେବାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କରାଯାଇଛି। ଅପଗ୍ରେଡ୍ ରେକ୍ କମ୍ପୋଜିସନ୍‌ରେ ଏବେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକ୍‌ଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ରହିବ।

ଯାତ୍ରୀଙ୍କ ପସନ୍ଦ ଏବଂ ଯାତ୍ରା ଚାହିଦାର ସମୀକ୍ଷା ପରେ ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ରେ କୋଚ୍ ସଂଜୟକୁ ବୃଦ୍ଧି କରିବାର



ନିଷ୍ପତ୍ତି ନିଆଯାଇଛି ଯାହା ଉଭୟ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦିତ ରୁଟ୍ ଭାବରେ ପରିଚିତ କରାଇଅଛି। ବର୍ଦ୍ଧିତ କ୍ଷମତା ଦ୍ୱାରା ଯାତ୍ରା ସୁବିଧାରେ ଉନ୍ନତି ଆସିଥିବାବେଳେ ପ୍ରତୀକ୍ଷା ତାଲିକା ହ୍ରାସ ହେବ ଏବଂ ଏହି ପ୍ରିମିୟମ୍ ଟ୍ରେନ୍ ସେବାକୁ ଆହୁରି ଲୋକପ୍ରିୟ କରାଯିବ ବୋଲି ଆଶା କରାଯାଉଛି ।

ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଚଳନ ପରଠାରୁ ଟ୍ରେନ୍‌ର ପସନ୍ଦରେ ଉଲ୍ଲେଖନୀୟ ଯାତ୍ରୀ ବୃଦ୍ଧି ଘଟିଛି। ପ୍ରାରମ୍ଭିକ ଭାବରେ ୭୦-୮୦% ର ଚାହିଦା ହାର ସହିତ ପରିଚାଳିତ ହେଉଥିବା ଏହି ଟ୍ରେନ୍‌ଟି ବର୍ତ୍ତମାନ ୧୧୦% ରୁ ଅଧିକ ପ୍ରଭାବଶାଳୀ ଯାତ୍ରୀ ଚାହିଦା ସ୍ତରରେ ପହଞ୍ଚିଛି। ବର୍ତ୍ତମାନ, ଟ୍ରେନ୍ ନମ୍ବର ୨୨୮୯୫ (ହାୱଡ଼ା-ପୁରୀ) ୧୧୦.୯% ଚାହିଦା ରେକର୍ଡ କରିଛି, ଯେତେବେଳେ ଟ୍ରେନ୍ ନମ୍ବର ୨୨୮୯୬ (ପୁରୀ-ହାୱଡ଼ା) ୧୦୯.୨% ଚାହିଦା ଦେଖୁଛି । ବିଶେଷକରି, ଏସି ଚେୟାର କାର୍ ଶ୍ରେଣୀରେ ୧୧୦.୬୫% ଏବଂ ଏକ୍‌ଜିକ୍ୟୁଟିଭ୍ ଚେୟାର କାର୍ କୋଚ୍‌ରେ ୧୦୩.୧୯% ଚାହିଦା ରହିଛି।

ଯାତ୍ରୀମାନେ ଏହି ବୃଦ୍ଧିକୁ ଅତ୍ୟନ୍ତ ସ୍ୱାଗତ କରିଛନ୍ତି, କାରଣ ଅଧିକ ସଂଖ୍ୟକ ଯାତ୍ରୀ ଏବେ ଏହି ମର୍ଯ୍ୟାଦାଜନକ ଟ୍ରେନ୍‌ର ସେବା ପାଇପାରିବେ। ଅନେକ ନିୟମିତ ଯାତ୍ରୀ ଏବଂ ପର୍ଯ୍ୟଟକ ସୋସିଆଲ ମିଡିଆ ଏବଂ ରେଳବାଇ ମତାମତ ପୋର୍ଟାଲରେ ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଭାରତୀୟ ରେଳବାଇର ସେବା ପ୍ରତି ପ୍ରତିକ୍ରିୟାଶୀଳତା ଏବଂ ସମ୍ବେଦନଶୀଳତାକୁ ପ୍ରଶଂସା କରିଛି। ବର୍ଦ୍ଧିତ କୋଚ୍ କ୍ଷମତାକୁ ଜନପ୍ରତିନିଧିମାନେ ମଧ୍ୟ ପ୍ରଶଂସା କରିଛନ୍ତି ଯେଉଁମାନେ ଗତ କିଛି ମାସ ମଧ୍ୟରେ ଏହି ଅପଗ୍ରେଡ୍ ପାଇଁ ସକ୍ରିୟ ଭାବରେ ମତାମତ ପ୍ରଦାନ କରିଥିଲେ।

ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ଅର୍ଦ୍ଧ-ହାଇ-ସ୍ପିଡ୍ ଟ୍ରେନ୍ ଯାହା ପଶ୍ଚିମବଙ୍ଗର ହାଓଡ଼ା ଜଙ୍କସନକୁ ଓଡ଼ିଶାର ପୁରୀ ସହିତ ସଂଯୋଗ କରୁଛି। ଏହି ଟ୍ରେନ ପ୍ରାୟ ୬.୫ ଘଣ୍ଟାରେ ୫୦୦ କିଲୋମିଟର ଦୂରତା ଯାତ୍ରା କରିଥାଏ । ଏହି ଟ୍ରେନ୍ ଗୁରୁବାର ବ୍ୟତୀତ ସପ୍ତାହରେ ଛଅ ଦିନ ଚଳାଚଳ କରୁଥିବାବେଳେ ହାଓଡ଼ାରୁ ସକାଳ ୬ଘ.୧୦ ମିରେ ଏବଂ ପୁରୀରୁ ଅପରାହ୍ନ ୧ଘ.୫୦ ମିରେ ଛାଡ଼ିଥାଏ। ଏହି ଟ୍ରେନ୍ ସାତଟି ଷ୍ଟେସନରେ ଅର୍ଥାତ ଖୋର୍ଦ୍ଧା ରୋଡ୍ ଜଙ୍କସନ୍, ଭୁବନେଶ୍ୱର, କଟକ, ଯାଜପୁର କେଉଁଝର ରୋଡ୍, ଭଦ୍ରକ, ବାଲେଶ୍ୱର ଏବଂ ଖଡ଼ଗପୁର ଜଙ୍କସନ୍ ଠାରେ ରହଣି ପ୍ରଦାନ କରେ।

ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ଅତ୍ୟାଧୁନିକ ସୁବିଧା ରହିଛି, ଯେଉଁଥିରେ ଅନ୍-ବୋର୍ଡ ୱାଇ-ଫାଇ, ଇନଫୋଟେନ-ମେଣ୍ଟ ସିଷ୍ଟମ୍, ବାୟୋ-ଭାକ୍ୟୁମ୍ ଶୌଚାଳୟ ଏବଂ ଆରାମଦାୟକ ବସିବା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଯାତ୍ରୀମାନଙ୍କ ପାଇଁ ଏକ ନିରାପଦ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଏହି ଟ୍ରେନଟି ଡିଜାଇନ୍ କରାଯାଇଛି। ହାଓଡା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସର କୋଚ ସଂଖ୍ୟା ବୃଦ୍ଧି ଭାରତୀୟ ରେଳବାଇର ବୃଦ୍ଧି ପାଉଥିବା ଯାତ୍ରୀ ସେବା ପାଇଁ ଦକ୍ଷ ଏବଂ ଆରାମଦାୟକ ରେଳ ଯାତ୍ରାର ବର୍ଦ୍ଧିତ ଚାହିଦା ପୂରଣ କରିବା ପ୍ରତି ପ୍ରତିବଦ୍ଧତାର ପ୍ରମାଣ।

# ଶ୍ୟାମ ମେଟାଲିକ୍ସ ଏବଂ ଏନର୍ଜି ଲିମିଟେଡ୍‌ର ପୋଖରୀ ପୁନର୍ନବୀକରଣ କାର୍ଯ୍ୟ

**ପଣ୍ଡଲୋଇ (ନିଶାନଭଙ୍ଗା), ନ୍ୟୁଜ୍‌ବ୍ୟୁରୋ**

ଶ୍ୟାମ ମେଟାଲିକ୍ସ ଏବଂ ଏନର୍ଜି ଲିମିଟେଡ୍‌ର କର୍ପୋରେଟ ସୋସିଆଲ ରେସ୍ପନ୍ସିବିଲିଟି (ସି ଏସ ଆର) ୟୁନିଟ୍-ଶ୍ୟାମ ମେଟାଲିକ୍ସ ଫାଉଣ୍ଡେସନ ଦ୍ୱାରା ଗ୍ରହଣ କରାଯାଇ ଥିବା ପୋଖରୀ ପୁନର୍ନବୀକରଣ କାର୍ଯ୍ୟର ଉଦ୍‌ଘାଟନ ଗତ ୧୪ ତାରିଖରେ ପଣ୍ଡଲୋଇ ଗାଁରେ ଉତ୍ସାହ ଓ ଉତ୍ସବମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରେଙ୍ଗାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତାଣ୍ଡି, ଶ୍ୟାମ ମେଟାଲିକ୍ସ ଏବଂ ଏନର୍ଜି ଲିମିଟେଡ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ଭୁପେନ୍ଦ୍ର ସିଂହ କୁଶ୍ୱାହା, ନିଶାନଭଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ ସରୋଜ ମେହେର, ସିଏସଆର ବିଭାଗ କର୍ମଚାରୀ, ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଅବସରରେ ରେଙ୍ଗାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତାଣ୍ଡି କହିଥିଲେ ଯେ, "ଗ୍ରାମୀଣ ଅଞ୍ଚଳରେ ପୋଖରୀ ପୁନର୍ନବୀକରଣ କାର୍ଯ୍ୟ ପାଣି ସଂରକ୍ଷଣ, ଜଳସେଚନ ଓ ଜୀବିକା ଉନ୍ନୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି କାର୍ଯ୍ୟ ଗ୍ରାମର ପରିବେଶ ଓ ନିବାସୀଙ୍କ ଜୀବନମାନକୁ ଉନ୍ନତ କରିବ।" ଶ୍ୟାମ ମେଟାଲିକ୍ସ ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରୟାସ ଏକ ଦୀର୍ଘକାଳୀନ ଦୃଷ୍ଟିକୋଣର ଅଂଶ ଭାବରେ ଗ୍ରାମ ଉନ୍ନୟନ, ପରିବେଶ ସୁରକ୍ଷା ଓ ସମୁଦାୟ ଶକ୍ତିକରଣକୁ ଲକ୍ଷ୍ୟ କରି କରାଯାଇଛି। ଆମେ ଏହି ଗ୍ରାମର ଉନ୍ନତି ପାଇଁ ନିୟମିତ ଭାବରେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ସ୍ଥାନୀୟ ଗ୍ରାମବାସୀମାନେ ଏହି ପଦକ୍ଷେପକୁ ଅତ୍ୟନ୍ତ ଉପକାରୀ ସ୍ୱୀକାର କରିଛନ୍ତି ଓ ଏହାଦ୍ୱାରା ସମୁଦାୟ ପାଇଁ ବହୁତ ଉପକୃତ ମିଳିବ ବୋଲି ବିଶ୍ୱାସ ପ୍ରକାଶ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBS T-368E, ତା.09.05.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ତାଳଚେର-ବିମଳାଗଡ଼ ନୂଆ BG ଲାଇନ୍ ସହ ସମ୍ପର୍କିତ ଶ୍ରୀରାମପୁର ଠାରୁ ପାଲଲହଡ଼ା ମଧ୍ୟସ୍ଥ ସେକ୍ସନରେ HT/LT ପାୱାର ଲାଇନ୍ କ୍ରସିଙ୍ଗ୍‌ର ରୂପାନ୍ତରଣ / ସ୍ଥାନାନ୍ତରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 355.31 ଲକ୍ଷ, EMD : ₹ 3,27,700/-, କାର୍ଯ୍ୟ ଶେଷ ହେବା ଅବଧି : 8 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.06.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-25/CI/25-26

ଭୁବନେଶ୍ୱର
୧୭ ମଇ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଭଉଁରୀ ତିଥିରେ ଚକ ଡେରା ନୀତି ପାଇଁ ଚଳଚଞ୍ଚଳ ରଥ ଖଳା

**ପୁରୀ, ୧୬/୦୫ ନ୍ୟୁଜ ବ୍ୟୁରୋ**

ନିହାଣ ମୁନରେ କମ୍ପୁଛି ରଥ ଖଳା । ଜୋରସୋରରେ ଆଗେଇ ଚାଲିଛି ତିନି ରଥ ନିର୍ମାଣ କାର୍ଯ୍ୟ । ଭଉଁରୀ ତିଥିରେ ହେବ ଚକ ଡେରା ନୀତି। ଆସନ୍ତା ୧୯ ତାରିଖ ସୋମବାର ପବିତ୍ର ଭଉଁରୀ ତିଥିରେ ଚକା ଡେରା ନୀତି ପାଳିତ ହେବାକୁ ଥିବାରୁ ରଥ ଖଳା ଚଳଚଞ୍ଚଳ ହୋଇ ଉଠିଛି । ତିନି ରଥର ବିଭିନ୍ନ ଅଂଶମାନ ନିର୍ମାଣ କରି ମହାରଣା ସେବକମାନେ ସାଇତି ରଖୁଛନ୍ତି । ତିନି ରଥର ନାହାକା ଅଖ ଅନୁକୂଳ ପୂଜା ମୁଖ୍ୟ ବିଶ୍ୱକର୍ମା ସେବକମାନଙ୍କ ଦ୍ୱାରା ସମ୍ପନ୍ନ ହେବାପରେ ତିନିରଥ ମହାରଣା ସେବକମାନେ ନାହାକା ଅଖର ଦୁଇ ପାର୍ଶ୍ୱ ବାରିଶିରେ ହାଣି ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି । ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, 'ତାଳଧ୍ୱଜ ରଥର ମୋଟ ୧୪ଟି ଚକ ମଧ୍ୟରୁ ଦୁଇଟି ନାହାକା ଚକ ଏବଂ ଦୁଇଟି ପଡ଼ି ନାହାକା ଚକ ନିର୍ମାଣ ଶେଷ ହୋଇଛି। ଆଉ ଦୁଇଟି ପଡ଼ି ନାହାକା ଚକ ମଧ୍ୟରୁ ପଞ୍ଚମ ଚକର ପଇ ବିନ୍ଧ ଶେଷ ହେବା ପରେ ପଞ୍ଚମ ଚକ ଅରରେ ପଇ ସଂଯୋଗ ହୋଇ ବିଲେଇ ବାଡିଆ ଶେଷ ହୋଇଛି। ଷଷ୍ଠ ଚକ ତୁମ୍ବରେ ଅର ସଂଯୋଗ ବା ସିଙ୍ଗଡ଼ା ବାଡିଆ



କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥର ୪ଟି ୧୨ ଫୁଟିଆ ଓରା କାଠର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଦର୍ପ ଦଳନ ରଥର ମୋଟ ୧୨ଟି ଚକ ମଧ୍ୟରୁ ଚାରିଟି ନାହାକା ଚକ ନିର୍ମାଣ ଶେଷ ପଞ୍ଚମ ଚକର ଅରରେ ପଇ ସଂଯୋଗ ହୋଇ ପଇ ବିନ୍ଧରେ କିଳା ବାଡିଆ ଶେଷ ହୋଇଛି। ଏଥିସହ ଦର୍ପ ଦଳନ ରଥର ୪ଟି ୧୨ ଫୁଟିଆ ଓରାର ଚଉପଟ କାର୍ଯ୍ୟ ଶେଷ ହୋଇଛି।' ରବି ଭୋଇ ଆହୁରି ମଧ୍ୟ କହିଛନ୍ତି, 'ସେହିପରି ନନ୍ଦିଘୋଷ ରଥର ମୋଟ ୧୬ଟି ଚକରୁ ୪ଟି ନାହାକା ଚକର ନିର୍ମାଣ ଶେଷ ହୋଇଛି। ପଞ୍ଚମ ଏବଂ ଷଷ୍ଠ ଚକ ଅରରେ ପଇ ପିନ୍ଧା ଶେଷ ପରେ ପଇ ବିନ୍ଧରେ କିଳା ବାଡିଆ ପରେ କିଳା କଟା ଯାଇ ପଇ କଳସା ବାକି ରହିଛି । ଏଥିସହ ନନ୍ଦିଘୋଷ ରଥର ୪ଟି ୧୨ ଫୁଟିଆ ଓରାର ଚଉପଟ କାର୍ଯ୍ୟ ଶେଷ ହୋଇ ଦୁଇଟି ଓରାର ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ତିନି ରଥର ୧୧ଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ରୂପ ଖୋଦେଇ ଶେଷ ହେବା ପରେ ରୂପ ଗୁଡ଼ିକର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଆରମ୍ଭ ହେବ।' ଦୋଳବେଦୀଠାରେ ଦୁଇ ଜଣ ପାହି ମହାରଣା ରଥ ଯାତ୍ରାରେ ମହାପ୍ରଭୁଙ୍କ ନୀତି ପାଇଁ ଆବଶ୍ୟକ କାଠ ବାଉଁଶ ନିର୍ମିତ ସାମଗ୍ରୀ ନିର୍ମାଣ କରୁଛନ୍ତି। ମହାପ୍ରଭୁଙ୍କ ଅନବସର ପଇତା ବୋଳା ପାଇଁ ୩୦ଟି ଲେଖାଏଁ ବାଉଁଶ ନଳ ବାଉଁଶ କାଠି, ବେଶ ଘୋଡ଼ିଆ ଚାଙ୍ଗଡ଼ା ଷ୍ଟାଣ୍ଡ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟ ଶ୍ରୀବସନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ହେଉଛି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନି ରଥର ନାହାକା ଚକର ତୁମ୍ବ ଗୁଡ଼ିକ ପାଇଁ ଆବଶ୍ୟକ ପନ୍ଦାରି ଏବଂ ତୁମ୍ବ ବଳା ଯୋଗାଇବା ପରେ ବାକି ଚକ ଗୁଡ଼ିକ ପାଇଁ ଅର କଣ୍ଟା, ପନ୍ଦାରି, ତୁମ୍ବ ବାହ୍ୟ ବଳା ଏବଂ ପନ୍ଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।

# ପଣ୍ଡିତ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ଜ୍ଞାନପୀଠ ପୁରସ୍କାର



**ନୂଆଦିଲ୍ଲୀ, ୧୬/୦୫**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନୂଆଦିଲ୍ଲୀରେ ସଂସ୍କୃତ ପଣ୍ଡିତ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ୨୦୨୩ ବର୍ଷ ପାଇଁ ୫୮ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରିଛନ୍ତି। ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଏବଂ ବିଶିଷ୍ଟ ଉର୍ଦ୍ଦୁ କବି ଓ ଗୀତିକାର ଗୁଲଜାରଙ୍କୁ ୨୦୨୩ ପାଇଁ ଏହି ସମ୍ମାନଜନକ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତି ଉଭୟ ସାହିତ୍ୟିକ ବ୍ୟକ୍ତିତ୍ୱଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ପୁରସ୍କାର ଗ୍ରହଣ କରି ଖୁସି ବ୍ୟକ୍ତ କରି କହିଛନ୍ତି ଯେ ତାଙ୍କର ସାହିତ୍ୟିକ କାର୍ଯ୍ୟକୁ ସ୍ୱୀକୃତି ମିଳିଛି।




ଭୁବନେଶ୍ୱର : ଚନ୍ଦନ ଯାତ୍ରା ପାଳନ ଅବସରରେ ଇସ୍କନ ମନ୍ଦିର ପରିସରରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ବର୍ଷକର ସରକାର : ୨୧ ପ୍ରତିଶ୍ରୁତିରୁ ପୂରଣ ହୋଇଛି ୧୧

**ଭୁବନେଶ୍ୱର, ୧୬/୦୫ ନ୍ୟୁଜ ବ୍ୟୁରୋ**

ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର । ବର୍ଷକର ସଫଳତା ଧରି ଲୋକଙ୍କ ପାଖକୁ ଯିବେ ରାଜ୍ୟ ସରକାର । ୨୪ ନିର୍ବାଚନ ବେଳେ ୨୧ଟି ପ୍ରତିଶ୍ରୁତି ଦିଆଯାଇ ଥିଲା। ସରକାରକୁ ଆସିବା ପରେ ସେଥି ମଧ୍ୟରୁ ୧୧ ଟି ପ୍ରତିଶ୍ରୁତି ପାଳନ କରାଯାଇଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ ଆହୁରି କହିଛନ୍ତି ଆଗାମୀ ଏକ ବର୍ଷ ମଧ୍ୟରେ ଆଉ ୧୦ ଟି ନିର୍ବାଚନ ପ୍ରତିଶ୍ରୁତି ପୂରଣ କରାଯିବ। ୮୦୦ ଟଙ୍କା ଇନପୁଟ ସବସିଡି, ଆୟୁଷ୍ମାନ ଭାରତ ଲାଗୁ, ସୁଭଦ୍ରା ଭଳି ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରାଯାଇଛି । ବର୍ଷ ପୂର୍ତ୍ତିକୁ ଉତ୍ସବ ଭାବେ ନୁହେଁ ଉତ୍ତରଦାୟୀ କାର୍ଯ୍ୟକ୍ରମ



ଭାବେ ପାଳନ କରିବେ ରାଜ୍ୟ ସରକାର। ଜୁନ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ। ରାଜ୍ୟ, ଜିଲ୍ଲାଠୁ ନେଇ ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥା ଗୁଡ଼ିକରେ କାର୍ଯ୍ୟକ୍ରମ କରାଯିବ । ଜୁନ ୧୨ ତାରିଖରେ ସରକାରକୁ ବର୍ଷେ ପୂରଣ ହେବାକୁ ଯାଉଥିବା ବେଳେ ଲୋକଙ୍କ ପାଖକୁ ରିପୋର୍ଟ କାର୍ଡ ନେଇ ଯିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର । ରାଜ୍ୟର ୧ କୋଟି ପରିବାର ପାଖରେ ଆମେ ଆମ ରିପୋର୍ଟ କାର୍ଡ ଧରି ପହଞ୍ଚିବୁ। ଆଗାମୀ ଦିନରେ ଲୋକଙ୍କ ପରାମର୍ଶ ଲୋଡ଼ିବେ ରାଜ୍ୟ ସରକାର । ରାଜ୍ୟରେ ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେଇ ପାରନ୍ତି ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହ ମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ।

# ଜେଇଙ୍କ ସନ୍ଦେହଜନକ ମୃତ୍ୟୁ

**ବରଗଡ,୧୬/୦୫ ନ୍ୟୁଜ ବ୍ୟୁରୋ**

ବରଗଡ ସ୍ଥିତ ହଳଦୀପାଲି ଛକଠାରେ ବ୍ଲକ ଜେଇଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଏକ ହୋଣ୍ଡାଇ କ୍ରେଟା ଗାଡିରେ ଏସି ଲଗାଇ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛି। ମୃତକ ଜଣକ ହେଉଛନ୍ତି ଚନ୍ଦ୍ର ଶେଖର ଝାଡ଼ିଆ। ସେ ବରପାଲି ବ୍ଲକ ଜେଇ ଭାବେ କାର୍ଯ୍ୟରତ ଥିବା ଜଣାପଡିଛି। ଗାଡ଼ିରେ ଏସି ଲଗାଇ ଶୋଇଥିବା ବେଳେ ଏସିଟି ଖରାପ ହେବା ସହିତ ସର୍ଟସର୍କିଟ ହୋଇଥିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତାଙ୍କ ଶରୀର ପୋଡି ଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ତାଙ୍କ ସ୍ତ୍ରୀ ପୋଲିସକୁ କହିବା ଅନୁସାରେ, ଗୁରୁବାର ଦିନ ୧୨ ଟାରୁ ଚନ୍ଦ୍ର ଶେଖର ଘରୁ ବାହାରି ଆସିଥିଲେ। ରାତିରେ ଫୋନ୍ ଉଠାଇ ନ ଥିଲେ। ପରେ ଖୋଜାଖୋଜି କରିବାରୁ ଗାଡିରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ତେବେ ବ୍ଲକ ଜେଇ ଚନ୍ଦ୍ର ଶେଖର ଝାଡ଼ିଆଙ୍କ ମୃତ୍ୟୁ କିପରି ହେଲା ? କ'ଣ ଏସିରୁ ସର୍ଟସର୍କିଟ ହୋଇ ତାଙ୍କର ମୃତ୍ୟୁ ହୋଇଛି ? ଏ ସବୁ ଏବେ ସନ୍ଦେହ ଘେରରେ ରହିଛି । ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

# ସୁଶାନ୍ତ ଧଳ ସାମନ୍ତଙ୍କୁ ହାଇକୋର୍ଟରୁ ମିଳିଲା ସର୍ତ୍ତମୂଳକ ଜାମିନ

**କଟକ ୧୬/୦୫ ନ୍ୟୁଜ ବ୍ୟୁରୋ**

ବହୁଚର୍ଚ୍ଚିତ ସୁଶାନ୍ତ ଧଳସାମନ୍ତଙ୍କୁ ହାଇକୋର୍ଟରୁ ମିଳିଛି ଜାମିନ। ଏକ ହତ୍ୟା ମାମଲାରେ ତାଙ୍କୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି ହାଇକୋର୍ଟ। ତେବେ ପ୍ରତି ୧୫ ଦିନରେ ଥରେ ହାଜର ହେବାକୁ ସର୍ତ୍ତରେ ଉଲ୍ଲେଖ ରହିଛି। ନିୟମିତ ଭାବେ ନିମ୍ନ ଅଦାଲତର ଶୁଣାଣିରେ ଉପସ୍ଥିତ ରହିବାକୁ ବି ସର୍ତ୍ତରେ ନିର୍ଦ୍ଦେଶ ଅଛି। ସେପଟେ ଜାମିନ ସତ୍ତ୍ୱେ ଅନ୍ୟ ମାମଲା ଥିବାରୁ ଜେଲ୍‌ରୁ ମୁକୁଳି ପାରିବେନି ସୁଶାନ୍ତ। ସୂଚନାଥାଉକି, ୨୦୧୮ରେ ଭୁବନେଶ୍ୱର ଝାରପଡ଼ା ଜେଲରୁ ବଲାଙ୍ଗୀର ଜେଲକୁ ସୁଶାନ୍ତ ଧଳସାମନ୍ତଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଝାରପଡ଼ା ଜେଲ୍‌ରୁ ଆପରାଧିକ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ଧଳସାମନ୍ତଙ୍କୁ ସୁରକ୍ଷା ଦୃଷ୍ଟିରୁ ବଲାଙ୍ଗୀର ଜେଲ୍‌କୁ ଅଣାଯାଇଥିଲା।




ପରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଡି. ଖିଲାରୀ ଏବଂ ୯ ବରିଷ୍ଠ ପୋଲିସ ଅଧିକାରୀ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ବଲାଙ୍ଗୀର ଜିଲ୍ଲା କାରାଗାର ଭିତରେ ଚଢ଼ଉ କରିଥିଲେ। ଜେଲର ୧୨ଟି ସେଲ, ରନ୍ଧାଘର, ଲାଟିନ, ଗାଧୁଆଘର ଓ ଅନ୍ୟ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଚଢ଼ଉ ବେଳେ ଜେଲ ଭିତରୁ ବିଡି, ସିଗାରେଟ, ଭାଙ୍ଗ ଭଳି ନିଶାଦ୍ରବ୍ୟ, ଦୁଇଟି ଲାଇଟର ଏବଂ ଏକ ଟ୍ରିମର ଜବତ କରାଯାଇଥିଲା। ସେହିଦିନ ଅପରାହ୍ନରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ଆସି ଘଟଣାର ସମୀକ୍ଷା କରିଥିଲେ। ଏହାପରେ ଜିଲ୍ଲା କାରାଗାର ଭିତରୁ ଏକ ମୋବାଇଲ ଫୋନ ଜବତ ହୋଇଥିବା ସୂଚନା ଦିଆଯାଇଥିଲା। କେଉଁ ସେଲ୍‌ରୁ ଫୋନ ଜବତ ହୋଇଥିଲା ସେଦିନ କୁହାଯାଇ ନ ଥିଲା। ରବିବାର ସୁଶାନ୍ତ ଧଳସାମନ୍ତ ରହୁଥିବା ସେଲ୍‌ରୁ ଉକ୍ତ ସ୍ମାର୍ଟଫୋନ ଜବତ ହୋଇଥିବା କୁହାଯାଇଛି। ବଲାଙ୍ଗୀର ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁ ଉକ୍ତ ସ୍ମାର୍ଟଫୋନ ଜବତ କରି ହସ୍ତାନ୍ତର କରିଥିବା ଏବଂ ଏନେଇ ବଲାଙ୍ଗୀର ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା।

# ଗଛରେ କାର୍ ପିଟିହୋଇ ୩ ମୃତ




**କୋରାପୁଟ, ୧୬/୦୫ ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରୀଗୁଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବୈପାରୀଗୁଡା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ଗୌଡ଼ଗୁଡା ଛକରେ ଗଛକୁ ପିଟିଲା କାର୍। ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଜୟପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ନୟାଗଡ଼ର ସୁଧୀପ୍ତ କୁମାର ସିଂ ସାମନ୍ତଙ୍କ ପରିବାର ଲୋକେ ନୟାଗଡ଼ ଠାରୁ ମାଲକାନଗିରି ଯାଉଥିବା ବେଳେ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ଗୁଡା ଛକରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛ ସହ କାର୍ ଧକ୍କା ହୋଇଥିଲା। ଖରା ଛୁଟି ପାଇଁ ସୁଧୀପ୍ତ କୁମାରଙ୍କ ଭାଇ ଘର ମାଲକାନଗିରି ଯାଉଥିଲେ ପରିବାର ଲୋକେ। ଗାଡ଼ି ଚାଳକ ସୁଧୀପ୍ତ କୁମାର ସିଂ ସାମନ୍ତଙ୍କ ଆଖି ଲାଗିଯିବା ଫଳରେ ଘଟିଛି ଏହି ଦୁର୍ଘଟଣା।

# ବିଏମସି ଶ୍ୱାନ ଉଦ୍ଧାର ଗାଡ଼ିର ଶୁଭାରମ୍ଭ : ପ୍ରତି ମାସରେ ୨ହଜାର ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ

**ଭୁବନେଶ୍ୱର, ୧୬/୫ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆରମ୍ଭ ହେଲା କୁକୁର ବନ୍ଧ୍ୟାକରଣ । ବିଏମସି ମୁଖ୍ୟାଳୟରେ ଶୁକ୍ରବାର ମେୟର ସୁଲୋଚନା ଦାସ ଶ୍ୱାନ ଉଦ୍ଧାର ଗାଡିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସେମାନଙ୍କୁ ବନ୍ଧ୍ୟା କରଣ କରିବା ପାଇଁ ହାଇଦ୍ରାବାଦ ସ୍ଥିତ ଭେଟ୍ସ ସୋସାଇଟ୍ ଫର ଆନିମଲ ୱେଲଫେୟାର ଆଣ୍ଡ




ରୁରାଲ ଡେଭଲପମେଣ୍ଟକୁ କାର୍ଯ୍ୟାଦେଶ ଦିଆଯାଇଛି ।

ପ୍ରତି ମାସରେ ପ୍ରାୟ ୨ହଜାର ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସ୍ୱାସ୍ଥ୍ୟ ଓ ପରିମଳ ବିରଞ୍ଚି ନାରାୟଣ ମହାସୁପକାର, ଅଭିଯୋଗ ଓ ସାମାଜିକ ନ୍ୟାୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ବିନୟିନୀ ଜେନାଙ୍କ ସମେତ କର୍ପୋରେଟର, ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଜଙ୍ଗଲ ଜମି ହସ୍ତାନ୍ତରର ତଦନ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ତାଗିଦ୍

**ନୂଆଦିଲ୍ଲୀ, ୧୬/୦୫**

ପ୍ରଥମ ରାୟ ଶୁଣାଇଲେ ସିଜେଆଇ ବି.ଆର. ଗବାଇ। ଭାରତର ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗବାଇ ତାଙ୍କର ପ୍ରଥମ ରାୟ ଶୁଣାଇଛନ୍ତି। ୧୯୯୮ ମସିହାରେ ଶିବସେନା-ବିଜେପି ଶାସନ ସମୟରେ ପୁଦେର ୩୦ ଏକର ଜଙ୍ଗଲ ଜମିକୁ ଏକ ଘରୋଇ ବିଲ୍ଡରଙ୍କୁ ହସ୍ତାନ୍ତର କରାଯାଇ ଥିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି । କୋର୍ଟ ଜମିକୁ ବନ ବିଭାଗକୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କ ପାଇଁ ଏକ ବଡ଼ ଝଟ୍‌କା ମିଳିଛି।

କୋର୍ଟ ଏହି ସମ୍ପୂର୍ଣ୍ଣ ମାମଲାକୁ ରାଜନୈତିକ ଏବଂ ପ୍ରଶାସନିକ ସମ୍ପର୍କ ଦ୍ୱାରା କ୍ଷମତାର ଅପବ୍ୟବହାରର ଏକ ଉତ୍କୃଷ୍ଟ ଉଦାହରଣ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ରାୟର ସମଗ୍ର ଦେଶରେ ସୁଦୂରପ୍ରସାରୀ ପ୍ରଭାବ ପଡ଼ିପାରେ। କାରଣ କୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏପରି ସମସ୍ତ ସନ୍ଦେହଜନକ ଜମି ହସ୍ତାନ୍ତରର ତଦନ୍ତ କରିବାକୁ ଏବଂ ଗୋଟିଏ ବର୍ଷ ମଧ୍ୟରେ ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲା ପୁନେର କୋଣ୍ଡୱା



ଅଞ୍ଚଳର ୩୦ ଏକର ଜମି ସହିତ ଜଡିତ। ୧୯୯୮ ମସିହାରେ ନାରାୟଣ ରାଣେ ତତ୍କାଳୀନ ମହାରାଷ୍ଟ୍ର ସରକାରର ରାଜସ୍ୱ ମନ୍ତ୍ରୀ ଥିଲେ। ତାଙ୍କ ବିଭାଗ ଏହି ଜମିକୁ ଜଣେ ଚଭନଙ୍କୁ ପ୍ରଦାନ କରିଥିଲେ, ଯିଏ ଏହାକୁ କୃଷି ଜମି ବୋଲି ମିଛ ଦାବି କରିଥିଲେ। କିଛି ଦିନ ମଧ୍ୟରେ, ଚଭନ ଏହି ଜମିକୁ 'ରିଚି ରିଚ୍ କୋଅପରେଟିଭ୍ ହାଉସିଂ ସୋସାଇଟି'କୁ ୨ କୋଟି ଟଙ୍କାରେ ବିକ୍ରି କରିଦେଲେ। ଏହି ଚୁକ୍ତି ପରେ ପୁଣେ ଡିଭିଜନାଲ କମିଶନର ରାଜୀବ ଅଗ୍ରୱାଲ, କଲେକ୍ଟର ବିଜୟ ମାଥନ୍କର ଏବଂ ଡେପୁଟି ଫରେଷ୍ଟ ଅଫିସର ଅଶୋକ ଖଡସେଙ୍କ ଭଳି ପ୍ରଶାସନିକ ଅଧିକାରୀମାନେ ଏହାକୁ 'ଅଣକୃଷି' ଘୋଷଣା କରିଥିଲେ। ରିଚି ରିଚ୍ ସୋସାଇଟି ୧,୫୫୦ଟି ଫ୍ଲାଟ୍, ୩ଟି କ୍ଲବହାଉସ୍, ୩୦ଟି ରୋ ହାଉସ୍ ଏବଂ ଏକ ସପିଂ କମ୍ପ୍ଲେକ୍ସ ସହିତ ଏକ ବଡ଼ ଆବାସିକ ପ୍ରକଳ୍ପ ପ୍ରସ୍ତାବ ଦେଇଥିଲା। ଏହି ସମାଜ ଅନିରୁଦ୍ଧ ଦେଶପାଣ୍ଡେ (ସିଟି ଗ୍ରୁପ୍), ଅନିଲ ଶେୱାଲେକର (ଅକ୍ସଫୋର୍ଡ ପ୍ରପର୍ଟିଜ୍) ଏବଂ ରାହେଜା ବିଲ୍ଡର୍ସର ମିଳିତ ଉଦ୍ୟମରେ ଗଠିତ ହୋଇଥିଲା। ପରିବେଶ ସୁରକ୍ଷା ଗୋଷ୍ଠୀ 'ସର୍ଜା ଚେତନା ମଞ୍ଚ' ୨୦୦୨ ମସିହାରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲା। କୋର୍ଟ ସଇସି (କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି) ଗଠନ କରିଥିଲେ, ଯାହା ଘଟଣାସ୍ଥଳ ପରିଦର୍ଶନ କରି ଏକ ବିସ୍ତୃତ ରିପୋର୍ଟ ଦାଖଲ କରିଥିଲା। ସିଇସି ରାଣେ ଏବଂ ଅନ୍ୟ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ତଥାପି କେବଳ ଅଶୋକ ଖଡସେଙ୍କ ବିରୋଧରେ ଆଇନ-ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଆଇନଗତ ବିବାଦ ଯୋଗୁଁ ଜମିରେ କୌଣସି ବିକାଶ ହୋଇପାରିଲା ନାହିଁ।

ଡିସେମ୍ବର ୨୦୨୩ରେ, ରିଚି ରିଚ୍ ସୋସାଇଟି ହେରଫେର କରାଯାଇଥିବା ପ୍ରନ୍ତତାତ୍ତ୍ୱିକ ରେକର୍ଡ ଉପସ୍ଥାପନ କରେ। ଏନେଇ ବନ ବିଭାଗ ଚିନ୍ତା ପ୍ରକାଶ କରିଥିଲା ଏବଂ ଜଣାପଡିଥିଲା ଯେ ବ୍ରିଟିଶ ଯୁଗର ଦଲିଲଗୁଡ଼ିକୁ ପରିବର୍ତ୍ତନ କରି କୋର୍ଟକୁ ବିଭ୍ରାନ୍ତ କରିବାର ପ୍ରୟାସ କରାଯାଇଥିଲା। ଠକେଇ ନିଶ୍ଚିତ ହୋଇଥିଲା ଏବଂ ମାମଲାକୁ ଜାନୁଆରୀ ୨୦୨୪ରେ ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା। ସୁପ୍ରିମକୋର୍ଟ ଏକ ଐତିହାସିକ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ଜମିକୁ ବନ ବିଭାଗକୁ ଫେରାଇ ଦେବାକୁ ପଡିବ। ଯଦି ନିର୍ମାଣ ଯୋଗୁଁ ପୁନରୁଦ୍ଧାର ସମ୍ଭବ ନହୁଏ, ତେବେ ବଜାର ଦରରେ କ୍ଷତିପୂରଣ ଆଦାୟ କରାଯିବା ଉଚିତ। ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏପରି ଜଙ୍ଗଲ ଜମି ହସ୍ତାନ୍ତରର ତଦନ୍ତ କରିବାକୁ ଏବଂ ଗୋଟିଏ ବର୍ଷ ମଧ୍ୟରେ ଏପରି ସମ୍ପତ୍ତି ପୁନରୁଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ।




ଭାରତ-ପାକ୍ ସୀମାରେ ସୁରକ୍ଷା ପାଇଁ ନଜର ରଖିଛି ୧୦ ସାଟେଲାଇଟ୍

ଜେଲ୍‌ରେ ରହିବ ଦୁର୍ଦ୍ଧାନ୍ତ କଏଦୀଙ୍କ ଭଏସ୍ ରେକର୍ଡ

ସର୍ତ୍ତ ଉଲ୍ଲଙ୍ଘନ କରୁଛି ପାକ୍ : ଏଫ୍-୧୬ ଫେରାଇ ନେବାକୁ ବିଚାର କରୁଛି ଆମେରିକା

# ପାହାଡ଼ରେ ମାଓ କ୍ୟାମ୍ପ ଠାବ : ମିଳିଲା ବିପୁଳ ପରିମାଣର ମାଓ ସାମଗ୍ରୀ

**ବଲାଙ୍ଗିର ୧୬।୫ ନ୍ୟୁଜ ବ୍ୟୁରୋ**

ବଲାଙ୍ଗିରରେ ମାଓ କ୍ୟାମ୍ପ ଠାବ ହୋଇଛି । ବିପୁଳ ମାଓ ସାମଗ୍ରୀ ସହ ଜୀବନ୍ତ ଟିଫିନ ବୋମା ଜବତ ହୋଇଛି । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଗନ୍ଧମାର୍ଦ୍ଦନ ପାହାଡ଼ ନିକଟ ଖୁରିପାଣି ଓ ତୁରେକେଲା ବ୍ଲକ ଛତ୍ରଦାଣ୍ଡି ଜଙ୍ଗଲରେ ଏହି ମାଓ କ୍ୟାମ୍ପ ଠାବ ହୋଇଛି । ତେବେ କ୍ୟାମ୍ପରେ ୫ରୁ ଅଧିକ ମାଓବାଦୀ ରହିଥିବା ବେଳେ ପୋଲିସ ଆସୁଥିବା ଖବର ପାଇ ଛତ୍ରଭଙ୍ଗ ଦେଇଥିଲେ ମାଓବାଦୀ । ତେବେ ମାଓ କ୍ୟାମ୍ପରୁ ଜୀବନ୍ତ ଟିଫିନ ବୋମା, ବୋମା ତିଆରି ପାଇଁ ବଡ଼ ଟିଫିନ, ଡିଟୋନେଟର ସହ ବୋମା ତିଆରି ସାମଗ୍ରୀ ଜବତ ହୋଇଛି । କିଛି ପୋଷାକ, ଔଷଧ, ମାଓବାଦୀ ବ୍ୟବହାର କରୁଥିବା ମେଡ଼ିସିନ, ରେଡ଼ିଓ, ଗୁଳି, ସହ ବହୁ ସାମଗ୍ରୀ ଜବତ କରାଯାଇଛି ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ୮ ବର୍ଷରେ ୧୩୭ କୋଟିର ସୁନା ଓ ଟଙ୍କା ଜବତ

**କଟକ, ୧୬/୦୫ ନ୍ୟୁଜ ବ୍ୟୁରୋ**

ରାଜ୍ୟର ଦୁର୍ନୀତିଖୋର ସରକାରୀ ବାବୁଙ୍କ ଠାରୁ ଭିଜିଲାନ୍‌ସ ଗତ ୮ ବର୍ଷ ଭିତରେ ୧୨୨୦୦୫.୩୪୭ ଗ୍ରାମ୍ (୧୨୨.୦୦୫୩୪୭ କିଲୋ)ର ସୁନା ଅଳଙ୍କାର ଜବତ କରିଛି। ଏସବୁକୁ ବ୍ୟାଙ୍କରେ ଜମା କରାଯାଇଥିବା ବେଳେ ଏ ସବୁର ଆନୁମାନିକ ବଜାର ମୂଲ୍ୟ ୧୦୯ କୋଟି ୮୦ ଲକ୍ଷ ୪୮ ହଜାର ୧୨୩ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏହା ବ୍ୟତୀତ ଗତ ୮ ବର୍ଷରେ ୨୭ କୋଟି ୨୨ ଲକ୍ଷ ୬୬ ହଜାର ୬୨୬ ଟଙ୍କା ଜବତ କରି ବ୍ୟାଙ୍କରେ ଜମା କରାଯାଇଛି। ଏହି ଜବତ ଟଙ୍କା ଓ ସୁନା ରାଜ୍ୟରେ ସରକାରୀ ବାବୁମାନଙ୍କର ଆଖିବୁଜା ଦୁର୍ନୀତିର ପ୍ରମାଣ ଦେଉଛି।

ରାଜ୍ୟରେ ଓଡ଼ିଶା ଭିଜିଲାନ୍ସର ୭ଟି ଡିଭିଜନ୍ ଥିବାବେଳେ ଏହି ଡିଭିଜନ୍ ଅଧୀନରେ ୨୪ଟି ୟୁନିଟ୍ କାର୍ଯ୍ୟ କରୁଛି। ବିଭିନ୍ନ ସମୟରେ ଭିଜିଲାନ୍ସ ପକ୍ଷରୁ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚ କାରବାର ମାମଲାରେ ଚଢ଼ଉ କରାଯାଇ ସରକାରୀ ବାବୁଙ୍କ ଠାରୁ ଏହି ବିପୁଳ ପରିମାଣର ଟଙ୍କା ଓ ସୁନା ଜବତ କରାଯାଇଛି। ଏସବୁ ସମ୍ପତ୍ତି ସମ୍ପୃକ୍ତ ଡିଭିଜନ୍ ଏସ୍‌ପିଙ୍କ ନାଁରେ ଖୋଲିଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇ ରହୁଛି। ଭିଜିଲାନ୍ସର ଡିଭିଜନ୍‌ୱାରି ବ୍ୟାଙ୍କ୍ ଆକାଉଣ୍ଟରେ ୨୦୧୬ ଜାନୁଆରୀ ୧ରୁ ୨୦୨୪ ଡିସେମ୍ବର ୩୧ ଯାଏଁ ଯେଉଁ ସୁନା ଅଳଙ୍କାର ଓ ଟଙ୍କା ଗଚ୍ଛିତ ରହିଛି, ତାହାର ପରିମାଣ ୧୩୭ କୋଟି ଟପି ଯାଉଥିବା ବେଳେ ଏହା ପୂର୍ବ ଓ ପର



ସମୟ ମିଶିଲେ ଦୁର୍ନୀତିର ଆହୁରି ଅଧିକ ସାଂଘାତିକ ଚିତ୍ର ସାମନାକୁ ଆସିବ ବୋଲି ଆକଳନ କରାଯାଉଛି।

ସୂଚନା ମୁତାବକ, କୋରାପୁଟ ଡିଭିଜନ୍‌ରେ ୨୦୧୬ରୁ ୨୦୨୪ ଭିତରେ ମୋଟ ୧୫୦୪୬.୮୯୩ ଗ୍ରାମ୍ ସୁନା ଓ ୬ କୋଟି ୩୬ ଲକ୍ଷ ୯୭ ହଜାର ୦୦୨ ନଗଦ ଟଙ୍କା ଜବତ ହୋଇଥିବା ବେଳେ ବାଲେଶ୍ୱର ଡିଭିଜନ୍‌ରେ ୧୨,୫୦୨. ୭୦୭ ଗ୍ରାମ୍ ସୁନା ଓ ନଗଦ ୧ କୋଟି ୮୨ ଲକ୍ଷ ୭୬ ହଜାର ୪୨୧ ଟଙ୍କା, ବ୍ରହ୍ମପୁର ଡିଭିଜନ୍‌ରେ ୧୬, ୩୩୭. ୭୦ ଗ୍ରାମ୍ ସୁନା ଓ ନଗଦ ୨ କୋଟି ୮୬ ଲକ୍ଷ ୪୫ ହଜାର ୩୪ ଟଙ୍କା, ରାଉରକେଲା ଡିଭିଜନ୍‌ରେ ୮,୮୩୦.୫୩୬ ଗ୍ରାମ୍ ସୁନା ଓ ୩ କୋଟି ୯୫ ଲକ୍ଷ ୪୮ହଜାର ୫୨ ଟଙ୍କା, ସମ୍ବଲପୁର ଡିଭିଜନ୍‌ରେ ୧୨,୬୧୬. ୨୪ ଗ୍ରାମ୍ ସୁନା ଓ ୧ କୋଟି ୩୩ ଲକ୍ଷ ୫ ହଜାର ୭୯୭ ଟଙ୍କା, କଟକ ଡିଭିଜନ୍‌ରେ ୨୫୦୨୪.୧୭ ଗ୍ରାମ୍ ସୁନା ଓ ୨ କୋଟି ୪୫ ଲକ୍ଷ ୧୦ ହଜାର ୨୩ ଟଙ୍କା, କଟକ ସେଲ୍ ଡିଭିଜନ୍‌ରେ ୨୩,୦୬୧.୯୩୪ ଗ୍ରାମ୍ ସୁନା ଓ ୪ କୋଟି ୪୯ ଲକ୍ଷ ୭୨ ହଜାର ୫୭୨ ଟଙ୍କା, ଭୁବନେଶ୍ୱର ଡିଭିଜନ୍‌ରେ ୨୩,୬୩୨. ୦୬ ଗ୍ରାମ୍ ସୁନା ଓ ୩ କୋଟି ୯୩ ଲକ୍ଷ ୧୧ ହଜାର ୭୨୫ ଟଙ୍କା ଜବତ ହୋଇଛି। ୨୦୧୬ ଜାନୁଆରୀ ପହିଲାରୁ ୨୦୨୪ ଡିସେମ୍ବର ଶେଷ ଯାଏଁ ଭିଜିଲାନ୍ସ ରୁଜୁ କରିଥିବା ଏହି ମାମଲାଗୁଡ଼ିକରେ କିନ୍ତୁ ଏଯାଏଁ ପୂର୍ଣ୍ଣାଙ୍ଗ ଚାର୍ଜସିଟ୍ କୋର୍ଟରେ ଦାଖଲ କରାଯାଇନାହିଁ। ନିୟମ ଅନୁଯାୟୀ, କୋର୍ଟରେ କୌଣସି ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେଲେ, ବ୍ୟାଙ୍କରେ ଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କ ଟଙ୍କା ବିନା ସୁଧରେ ଫେରସ୍ତ କରାଯିବ। ତେବେ ଆୟ ବହିର୍ଭୁତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତ ରହି ଆସିଥିବାରୁ ଉପରୋକ୍ତ ଜବତ ସମ୍ପତ୍ତିର ୮୦ ପ୍ରତିଶତ ରାଜ୍ୟ ସରକାରଙ୍କ ତହବିଲକୁ ଯିବା ସମ୍ଭାବନା ଯଥେଷ୍ଟ ଅଧିକ।